


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୫ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 05 December 2025

Vol.No. 36 ■ No.320 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଭାରତରେ ପହଞ୍ଚିଲେ ପୁଟିନ

## ପ୍ରୋଟୋକଲ ଭାଙ୍ଗି ସ୍ୱାଗତ କଲେ ମୋଦୀ

ନୂଆଦିଲ୍ଲୀ,୦୪/୧୨ : ଦୀର୍ଘ ୪ ବର୍ଷ ପରେ ପ୍ରାୟ ୨୭ ଘଣ୍ଟା ପାଇଁ ଭାରତ ଗସ୍ତରେ ଆସିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ଆଜି ସନ୍ଧ୍ୟା ପ୍ରାୟ ୬.୫୦ରେ ପୁଟିନଙ୍କ ସ୍ୱତନ୍ତ୍ର ବିମାନ ଦିଲ୍ଲୀର ପାଲାମ ଏୟାରପୋର୍ଟରେ ପହଞ୍ଚିଥିଲା। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ସ୍ୱାଗତ କାର୍ଯ୍ୟକ୍ରମରେ ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମିଲ ହୋଇଛନ୍ତି। ଏହା ଗୋଟିଏ ବିରଳ କୂଟନୀତିକ ପଦକ୍ଷେପ। ଏୟାରପୋର୍ଟରେ ପୁଟିନଙ୍କୁ ମୋଦି ସ୍ୱାଗତ କରିବା ଅର୍ଥ ତାଙ୍କ ଗସ୍ତ ଭାରତ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତା'କୁ ଦର୍ଶାଉଛି। କୌଣସି ବିଶ୍ୱସ୍ତରୀୟ ନେତାଙ୍କୁ ମୋଦି ନିଜେ ଏୟାରପୋର୍ଟକୁ ଯାଇ ସ୍ୱାଗତ କରିବା ସାଧାରଣତଃ ଦେଖିବାକୁ ମିଳି ନଥାଏ। ହେଲେ ପୁଟିନଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହାପୂର୍ବରୁ ୨୦୧୫ରେ ମୋଦି ଏୟାରପୋର୍ଟକୁ ଯାଇ ବାରାକ ଓବାମା, ୨୦୧୭ରେ ଶେଖ ହସିନା, ୨୦୧୭ରେ ଜାପାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ, ୨୦୨୦ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦୨୪ରେ ୟୁଏଇର ମହମ୍ମଦ ବିଜୟ ଜାୟେଦ ଅଲ ନହୟାନ ଓ ୨୦୨୫ରେ କତାରର ତାମିମ ବିନ ହାମାଦ ଅଲ ଥାନିଙ୍କୁ ସ୍ୱାଗତ କରିବା ପାଇଁ ଏୟାର ପୋର୍ଟରେ ପହଞ୍ଚିଥିଲେ। ଏବେ ସେ ପୁଟିନଙ୍କୁ ଏୟାରପୋର୍ଟରେ ସ୍ୱାଗତ କରିଛନ୍ତି। ଏୟାରପୋର୍ଟରେ ମୋଦି ସ୍ୱାଗତ କରିବା ପରେ ପୁଟିନଙ୍କୁ ନିଜ କାରରେ ବସାଇଥିଲେ। ସେଠାରୁ ଉଭୟ ଗୋଟିଏ କାରରେ ଲୋକ କଲ୍ୟାଣ ମାର୍ଗ ସ୍ଥିତି ପ୍ରଧାନମନ୍ତ୍ରୀ ବାସଭବନକୁ ଯାଇଛନ୍ତି। ଏହାପୂର୍ବରୁ ଚାଇନାର ତିଆନଜିନରେ ଏସସିଓ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବନ୍ଧୁତା ପୂରା ବିଶ୍ୱ ଦେଖିଥିଲା। ଏହି ସମୟରେ ପୁଟିନ ନିଜର କାରରେ ମୋଦି(ଟଗ ଗକ୍ଟୟସ)ଙ୍କୁ ଧରି ବୈଠକ ସ୍ଥଳକୁ ଯାଇଥିଲେ। ଏହି ସମୟରେ ଦୁଇ ନେତା ପରସ୍ପର ସହ ହସିହସି କଥା ହେଉଥିବାର ଫଟୋ ମଧ୍ୟ ସାମ୍ନାକୁ ଆସିଥିଲା। ▶▶ପୃଷ୍ଠା ୭



# ମହାନଦୀ ଜଳ ବିବାଦ: ତୁଟିବ କି ଅଡୁଆ ? ଆଜି ବଡ଼ ବୈଠକ



ଭୁବନେଶ୍ୱର, ୦୪/୧୨ (ନି.ପ୍ର): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆସିଲା ବଡ଼ ଖବର । ଆସନ୍ତାକାଲି ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ । ଏନେଇ ବିଧାନସଭାରେ ସୂଚନା ଦେଇଛନ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ । ତାଙ୍କ କହିବା ଅନୁସାରେ, ନଭେମ୍ବର ୧୦ ତାରିଖରେ ମୁଖ୍ୟ ଶାସନ ସଚିବ ସ୍ତରୀୟ ବୈଠକ ବସିଥିଲା । ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱରେ ଅନୁଷ୍ଠିତ ଇଷ୍ଟର୍ଣ୍ଣ ଜୋନ୍ ବୈଠକରେ ମଧ ମହାନଦୀ ଜଳ ବିବାଦକୁ ଗୁରୁତ୍ୱ ସହ ନେଇ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା କରିଥିଲେ କେନ୍ଦ୍ର ଗୃହମନ୍ତ୍ରୀ । ଖାଲି ସେତିକି ନୁହେଁ ଉଭୟ ରାଜ୍ୟର ବୈଷୟିକ ଟିମଙ୍କ ମଧ୍ୟରେ ଛଅ ଥର ଆଲୋଚନା ହୋଇଛି । ତେଣୁ ଆସନ୍ତାକାଲି ମଧ ଏନେଇ ଜଏଣ୍ଟ ଟେକ୍ନିକାଲ ଟିମଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହେବାକୁ ଅଛି । ଆସନ୍ତା ୨୦ ତାରିଖରେ ଟ୍ରିବ୍ୟୁନାଲ ଶୁଣାଣି କରିବାକୁ ଯାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତରେ ଗୃହରେ ଉତ୍ତର ରଖିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଅନ୍ୟପଟେ ଆଜି ଏ ସମ୍ପର୍କିତ ପ୍ରଶ୍ନ ମଧ ଗୃହରେ ଉଠିଛି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ଯେ, ଗତ ୧୬ ମାସ ଭିତରେ ମହାନଦୀ ଜଳ ସମସ୍ୟାକୁ ନେଇ କେତେଥର ଆଉ କେଉଁ ସ୍ଥାନରେ ଛତିଶଗଡ଼ ସରକାର, କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ସରକାର ଆଲୋଚନା କରିଛନ୍ତି ? ଆଉ ଏହାର ସମାଧାନ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ? ଏହାର ଲିଖିତ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଗତ ୧୬ ମାସ ମଧ୍ୟରେ ମହାନଦୀ ଜଳ ସମସ୍ୟାକୁ ନେଇ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୃହମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି ଆପୋଷ ଆଲୋଚନା ମାଧ୍ୟମରେ ସମାଧନ ପାଇଁ କଥା ହେଇଛନ୍ତି । ଏହାବ୍ୟତୀତ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ମଧ୍ୟରେ ନୂଆଦିଲ୍ଲୀରେ ସଚିବସ୍ତରୀୟ ଦୁଇଟି ବୈଠକ ଏବଂ ଟେକ୍ନିକାଲ କମିଟି ସ୍ତରୀୟ ୬ଟି ବୈଠକ ବସି ଆଲୋଚନା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୂଚନା ଦେଇଛନ୍ତି ।

# ୩୦ ଜିଲ୍ଲାରେ ସକ୍ରିୟ ଲଘୁ ଖଣିଜ ମାଫିଆ: ନିୟନ୍ତ୍ରଣ ପାଇଁ ଜରିମାନା କଷୁଛନ୍ତି ସରକାର, ହେଲେ ବନ୍ଦ ହେଉନି ଚୋରି

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ରାଜ୍ୟରେ ବେଧଡକ ଚାଲିଛି ଲଘୁ ଖଣିଜ ଲୁଟ୍ । ବିଧାନସଭାରେ ଏହା ସ୍ୱୀକାର କରିଛନ୍ତି ଖଣିମନ୍ତ୍ରୀ। ଧରପଗଡ ଓ ଜୋରିମାନା ସତ୍ତ୍ୱେ ଏହା ଉପରେ ଲାଗୁନି ଲଗାମ । ୧୧ଟି ତହସିଲରେ ସର୍ବାଧିକ ଖଣିଜ ଲୁଟ ହେଉଛି । ଲଘୁ ଖଣିଜ ଚୋରି ରୋକିବାକୁ ସରକାର କଡା ପଦକ୍ଷେପ ନେଉଛନ୍ତି । କିନ୍ତୁ ଆଇନର ଗଳାବାଟ ଦେଇ ସକ୍ରିୟ ରହିଛନ୍ତି ମାଫିଆ । ୩୦ ଜିଲ୍ଲାରେ ଚୋରାଚାଲାଣ ହେଉଛି ଲଘୁ ଖଣିଜ । ବିଧାନସଭାରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନରେ ଇସ୍ପାତ ମନ୍ତ୍ରୀ ଚୋରାଚାଲାଣଙ୍କୁ ସ୍ୱୀକାର କରିଛନ୍ତି। ଲିଖିତ ଉତ୍ତରରେ କହିଛନ୍ତି, ଜାନୁଆରି ୨୦୨୨ରୁ ଅକ୍ଟୋବର ୨୦୨୫ ମଧ୍ୟରେ ଆଦାୟ ହେଲାଣି ୧୨୬ କୋଟି ଜରିମାନା । ଚଳିତବର୍ଷ ସେପଟ୍ଟେମ୍ବର ୩୦ ପର୍ଯ୍ୟନ୍ତ ଆଦାୟ ହୋଇଛି ୬୫୫ କୋଟି ରାଜସ୍ୱ । ୩୦ ଜିଲ୍ଲାରେ ୧୫ ହଜାର ୧୮୭ଟି ଧରପଗଡ଼ ହୋଇଛି । ମାମଲା ରୁଜୁ ହୋଇଛି ୩ ହଜାର ୧୧୯ । ଆଉ ଜରିମାନା ଆଦାୟ ହୋଇଛି ୧୨୬ କୋଟି ୫୧ ଲକ୍ଷ ୭୮ ହଜାର ଟଙ୍କା । ରାଜ୍ୟରେ ୧୧ଟି ତହସିଲରେ ସର୍ବାଧିକ ଲଘୁ ଖଣିଜ ଚୋରି ହେଉଛି ବୋଲି କହିଛନ୍ତି ଖଣି ମନ୍ତ୍ରୀ। ବିଧାନସଭାରେ ବେଆଇନ ▶▶ପୃଷ୍ଠା ୭



# ପ୍ରହସନ ପାଲଟିଛି ରାଜ୍ୟ ସରକାରଙ୍କ ପୋଷଣ ଯୋଜନା

## ବାକି ସଉଦାରେ ଚାଲିଛି ଖାଦ୍ୟ ବଣ୍ଟନ, ସୁବିଧାରୁ ବଂଚିତ ୧୦ ଲକ୍ଷ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ୮ ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାର ଆରମ୍ଭ ହୋଇଥିଲା। ନବମ ଓ ଦଶମ ପିଲାଙ୍କୁ ପ୍ରଥମଥର ପାଇଁ ମଧ୍ୟାହ୍ନ ଭୋଜନ ଦେଇଥିଲେ ସରକାର । ହେଲେ ଏବେ ବାକି ସଉଦାରେ ଚାଲିଛି ଯୋଜନା । ଆଗକୁ ଅନୁଦାନ ନଆସିଲେ ଯୋଜନାର ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯିବ। କେବଳ ଏତିକି ନୁହେଁ, ପ୍ରଭାବିତ ହେବେ ରାଜ୍ୟର ୧୦ ଲକ୍ଷ ୮୧ ହଜାର ୩୮୧ ଛାତ୍ରଛାତ୍ରୀ । ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଯୋଡିଛନ୍ତି ସରକାର । ଏପ୍ରିଲ ପହିଲାରୁ ଏହାର ଶୁଭାରମ୍ଭ ହେଲା କିନ୍ତୁ କାର୍ଯ୍ୟକାରୀ ହେଉ ହେଉ ୨ ମାସ ବିତିଗଲା । ପ୍ରଥମଥର ପାଇଁ ଗୋଟିଏ ଛାତ ତଳେ ପ୍ରଥମରୁ ଦଶମ ଛାତ୍ରଛାତ୍ରୀଙ୍କୁ ମିଳିଲା ମଧ୍ୟାହ୍ନ ଭୋଜନ । ହେଲେ ଜୁଲାଇ ପରଠାରୁ ଅନୁଦାନ ମିଳିବା ବନ୍ଦ ହୋଇଗଲା । ଏହା ଭିତରେ ୫ ମାସ ବିତିଗଲାଣି। ହେଲେ ସୁନ୍ଦରଗଡ଼ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ବାବଦକୁ ଟଙ୍କାଟିଏ ମିଳିନି । ଧାରକରଜରେ କିଛି ଉଚ୍ଚ ବିଦ୍ୟାଳୟରେ ଚାଲିଛି ମଧ୍ୟାହ୍ନ ଭୋଜନ, ଜିଲ୍ଲାର ଅଧିକାଂଶ ସ୍କୁଲରେ ଏବେ ମଧ୍ୟାହ୍ନ ଭୋଜନ ବନ୍ଦ । ଅନୁଦାନ ନ ମିଳିବାରୁ ୮ ମାସ ତଳେ ଆରମ୍ଭ ହୋଇଥିବା ଯୋଜନାର ଭବିଷ୍ୟତକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗକୁ ଅନୁଦାନ ନିୟମିତ ନ ମିଳିଲେ, ସୁନ୍ଦରଗଡ଼ର ୩୮୮ ଉଚ୍ଚ ବିଦ୍ୟାଳୟର ୪୭ ହଜାର ୯୮୫ ପିଲା ସିଧାସଳଖ ପ୍ରଭାବିତ ହେବେ । ସେହିଭଳି ରାଜ୍ୟର ସରକାରୀ ବିଦ୍ୟାଳୟରେ ପଢୁଥିବା ପ୍ରାୟ ୧୦ ଲକ୍ଷ ୮୧ ହଜାର ୩୮୧ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନରୁ ବଞ୍ଚିତ ହେବେ। ଅନୁଦାନ ମିଳିବା ନେଇ ଅତିରିକ୍ତ ଶିକ୍ଷା ଅଧିକାରୀ ଆଶ୍ୱସ୍ତ କରିଛନ୍ତି। ଅନ୍ୟପଟେ ବୁଦ୍ଧିଜୀବୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଏବେ ପ୍ରହସନ ପାଲଟିଛି ।



# ଆଜିଠୁ ଭୁବନେଶ୍ୱର-ରାଉରକେଲା ସିଧାସଳଖ ବିମାନ ସେବା ଆରମ୍ଭ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ଠାରୁ ଭୁବନେଶ୍ୱର-ରାଉରକେଲା ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ଜରିଆରେ ଏହି ସୂଚନା ଦେଇଛନ୍ତି। ବିମାନ ଯୋଜନାରେ ଭୁବନେଶ୍ୱର ଓ ରାଉରକେଲା ମଧ୍ୟରେ ବିମାନ ଚଳାଚଳ କରିବ। ଗୁରୁବାର ବ୍ୟତୀତ ସପ୍ତାହରେ ଅନ୍ୟ ସମସ୍ତ ଦିନ ଗୁଡିକରେ ଏହି ବିମାନ ସେବା ଉପଲବ୍ଧ ହେବ।

# ଏନଡିଏରେ ସାମିଲ ହେବ କି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ?: ଆରମ୍ଭ ହୋଇଗଲାଣି ଚର୍ଚ୍ଚା

ନୂଆଦିଲ୍ଲୀ,୦୪/୧୨ : ଝାଡ଼ଖଣ୍ଡରେ ପଲିଟିକାଲ ଭୂକମ୍ପ । ଏନଡିଏରେ ସାମିଲ ହେବ କି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ? ବିଜେପି ମୁହାଁ ଜେଏମଏମ ମୁଖିଆ । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ନେଇ ଏବେ ଏମିତି କିଛି ଚର୍ଚ୍ଚା ଆରମ୍ଭ ହେଲାଣି । କାରଣ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ ତାଙ୍କ ପତ୍ନୀ କଳ୍ପନା ସୋରେନ ଦିଲ୍ଲୀରେ ବିଜେପିର ଶୀର୍ଷ ନେତାଙ୍କୁ ଭେଟିଥିବା ସୂଚନା ମିଳିଛି । ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଉଭୟ ସାକ୍ଷାତ କରିଛନ୍ତି । ଖାଲି ଏସତିକି ନୁହେଁ, ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାର ମଧ ମଙ୍ଗଳବାର ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟି କିଛି ଆଲୋଚନା କରିଛନ୍ତି । ଯାହାକି ହେମନ୍ତଙ୍କ ବିଜେପି ଯାତ୍ରା ଖବରକୁ ଆହୁରି ଖୋରାକ ଯୋଗାଇଛି । ଅମିତ ଶାହାଙ୍କୁ ହେମନ୍ତଙ୍କ ସାକ୍ଷାତ ଏନଡିଏ ଓ ଜେଏମଏ ସାମିଲ କଥା ଯଦି ସତ ହୁଏ । ତା' ହେଲେ ଝାଡ଼ଖଣ୍ଡ ରାଜନୀତିଏରେ ନିଶ୍ଚୟ ବଡ଼ ପରିବର୍ତ୍ତନ । ବିହାରରେ ଘଉଇର ବାଜିମାତ୍ ପରେ ଧୀରେ ଧୀରେ ଝାଡ଼ଖଣ୍ଡର ଅଙ୍କ ବଦଳିବା ଆରମ୍ଭ କରିଥିବା କୁହାଯାଉଛି । ବିହାରରେ ମହାଗଠବନ୍ଧନର ପରାଜୟ ପରେ ବିରୋଧୀ ଶିବିର ଏକପ୍ରକାର ଅସ୍ଥିର ହୋଇଛି । ମେଣ୍ଟ ଭିତରେ ବିଭିନ୍ନ ଫାଟ ସାମ୍ନାକୁ ଆସୁଛି । ତେଣୁ ମୁଖ୍ୟମନ୍ତ୍ରୀ ସୋରେନ ଏନଡିଏ ମୁହାଁ ହେବାକୁ ସଜ ହେଉଛନ୍ତି ବୋଲି କୁହାଯାଉଛି। ହେମନ୍ତ ସୋରେନ ବର୍ତ୍ତମାନ ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ଅଛନ୍ତି। ଜେଏମଏମ, କଂଗ୍ରେସ, ଆରଜେଡି ଓ ବାମ ଦଳ ମିଶି ଝାଡ଼ଖଣ୍ଡରେ ଗଢ଼ିଛନ୍ତି ମେଣ୍ଟ ସରକାର । ଝାଡ଼ଖଣ୍ଡ ବିଧାନସଭାର ସିଟ୍ ସଂଖ୍ୟା ୮୧। ବହୁମତ ପାଇଁ ଆବଶ୍ୟକ ୪୧ ଆସନ । ତେଣୁ ଏହି ସମସ୍ତଙ୍କ ସିଟ୍ ସଂଖ୍ୟା ମିଶି ୫୬ ଥିବାରୁ ଝାଡ଼ଖଣ୍ଡରେ ହୋଇଛି ହେମନ୍ତ ସରକାର । କିନ୍ତୁ ଏବେ ଯଦି ଜେଏମଏମ ଭାଜପା ସହ ହାତ ମେଳାଏ ତେବେ ଝାଡ଼ଖଣ୍ଡରେ ହେବ ବଡ଼ ଧରଣର ଓଲଟପାଲଟ। ଜେଏମଏମର ୩୪, ବିଜେପିର ୨୧, ଏଜଜେପି ଓ ଆଜ୍ସୁର ଗୋଟିଏ ଲେଖାଏଁ ଆସନ ମିଶାଇଲେ ସଂଖ୍ୟା ୫୮ରେ ପହଞ୍ଚିବ । ତେଣୁ ଇଣ୍ଡି ମେଣ୍ଟ ଭାଙ୍ଗିବା ସୁନିଶ୍ଚିତ । ଆଉ ଏନଡିଏ ସରକାର ଗଢ଼ିବା ଫାଇନାଲ୍ ।



# ସଂଗୀତ ମହାବିଦ୍ୟାଳୟରେ ନିର୍ଯାତନା: ବହିଷ୍କାର ପରେ ଡ୍ରାମା ଅଧ୍ୟାପକ ଗିରଫ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ କର୍ତ୍ତୃପକ୍ଷ ଶୁଣିଛନ୍ତି। ଅଭିଯୋଗ କ୍ରମେ, ପ୍ରାଥମିକ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଶେଷରେ ଡ୍ରାମା ବିଭାଗର ଅଧ୍ୟାପକ ବହିଷ୍କୃତ ଓ ଗିରଫ ହୋଇଛନ୍ତି। ଆମେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଡ୍ରାମା ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କ କଥା କହୁଛେ, ଯାହାଙ୍କ ବିରୋଧରେ ପିଲାମାନେ ଗୁରୁତର ଅଭିଯୋଗ ଆଣିଥିଲେ। ଛାତ୍ରୀମାନେ ଅଭିଯୋଗ ଆଣିଥିଲେ ଯେ, ଶତ୍ରୁଘ୍ନ ସାର ସେମାନଙ୍କୁ ନିର୍ଯାତନା ଦେଉଥିଲେ। ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ଡ୍ରାମା ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କ ନାମରେ ଅଭିଯୋଗ ଆଣିଥିଲେ। ଅଭିଯୋଗ ପରେ ସେମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ ସହିତ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲେ। ଏହା ପରେ କଲେଜ କର୍ତ୍ତୃପକ୍ଷ ଅଧପାକ ଶତ୍ରୁଘ୍ନ ସାମଲଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଗଣମାଧ୍ୟମକୁ କହିଛନ୍ତି, ଆମ ପାଖକୁ ଅଭିଯୋଗ ଆସିଲା ପରେ ଏନେଇ ଆମେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ। ତଦନ୍ତ ପରେ ଅଧିକ କାର୍ଯ୍ୟାନୁଷ୍ଠାନ ନିଆଯିବ। ସଂପୃକ୍ତ ଅଧ୍ୟାପକଙ୍କୁ ବ୍ଲାକଲିଷ୍ଟ କରାଯିବ। ଏହା ଦ୍ୱାରା ସେ ଅନ୍ୟ କୌଣସି ଶିକ୍ଷାନୁଷ୍ଠାନରେ କାମ କରିପାରିବେ ନାହିଁ। ସ୍ଥାୟୀ ଶିକ୍ଷକ ନଥିବାରୁ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଡ୍ରାମା ଅଧ୍ୟାପକ ପାଇଁ ଅନ୍ୟମାନେ ମଧ ଚୟନ ପ୍ରକ୍ରିୟାରେ ସାମିଲ ଥିଲେ। ତାଲିକାରେ ଥିବା ଅନ୍ୟ ପ୍ରାର୍ଥୀଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ମିଳିବ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ। ନୂଆ ଅଧ୍ୟାପକ ନିଯୁକ୍ତି ପାଇଁ ଖୁବ୍ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ। ଜଣେ ଛାତ୍ରୀ କହିଛନ୍ତି, ଶତ୍ରୁଘ୍ନ ସାରଙ୍କୁ ଆମର ଡର। ଆମେ ଡରୁଥିଲୁ। ସେଥିପାଇଁ ଅଭିଯୋଗ କରିପାରୁ ନଥିଲୁ। ସ୍ୱର ଉତ୍ତୋଳନ କଲେ ମାର୍କ କଟିଯିବ ବୋଲି ଭୟ ଲାଗୁଥିଲା। ଆମକୁ ଭଲ ଶିକ୍ଷକ ଦିଆଯାଉ। ମହାବିଦ୍ୟାଳୟରୁ ବହିଷ୍କୃତ ଡ୍ରାମା ଅଧ୍ୟାପକ ଶତ୍ରୁଘ୍ନ ସାମଲଙ୍କୁ ପୁଲିସ ଗିରଫ କରିଛି। ପ୍ରାୟ ୧୦ରୁ ୧୨ ଜଣ ପିଲାଙ୍କ ଅଭିଯୋଗ କ୍ରମେ ପୁଲିସ ଶ୍ରୀ ସାମଲଙ୍କୁ ଗିରଫ କରିଛି।

# ଇଣ୍ଡିଗୋ ବିମାନ ସେବାରେ ବ୍ୟାପକ ଅନିୟମିତତା ନେଇ ଡିଜିସିଏର ରିପୋର୍ଟ ତଲବ

ନୂଆଦିଲ୍ଲୀ,୦୪/୧୨ : ଇଣ୍ଡିଗୋ ଏୟାରଲାଇନ୍ସକୁ ରିପୋର୍ଟ ମାଗିଲା ଡିଜିସିଏ । ଗତ ୩ଦିନ ହେଲା ଇଣ୍ଡିଗୋର ବିମାନ ସେବାରେ ବ୍ୟାପକ ଅଚଳାବସ୍ଥା ଦେଖାଦେଇଛି । ଦେଢ଼ ଶହରୁ ଅଧିକ ବିମାନ ବାତିଲ ହୋଇଥିବା ବେଳେ ଅନେକ ବିମାନ ବିଳମ୍ବରେ ଉଡ଼ାଣ ଭରିଛି। ଯାହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଯାତ୍ରୀଙ୍କ ସମସ୍ୟା ବଢ଼ିଯାଇଛି । ଏନେଇ ଇଣ୍ଡିଗୋ ଏୟାରଲାଇନ୍ସକୁ ରିପୋର୍ଟ ମାଗିଛି ଡିଜିସିଏ। ସେପଟେ, ଝାରସୁଗୁଡ଼ା ବିମାନବନ୍ଦରରେ ଯାତ୍ରୀଙ୍କ ଲଗେଜ୍ ମିସିଂକୁ ନେଇ ଉତ୍ତେଜନା। ଗତକାଲି ସନ୍ଧ୍ୟାରେ ଦିଲ୍ଲୀରୁ ଝାରସୁଗୁଡ଼ା ଆସିଥିବା ଇଣ୍ଡିଗୋର ବିମାନରେ ଯାତ୍ରୀଙ୍କ ଲଗେଜ୍ ଓ ବ୍ୟାଗେଜ୍ ମିସିଂକୁ ନେଇ ବିମାନ ବନ୍ଦର ପରିସରରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ବିମାନ ଅବତରଣ କରିବା ପରେ ୬ ଜଣ ଯାତ୍ରୀଙ୍କ ଲଗେଜ୍ ଆସିନଥିବା ଜଣାପଡ଼ିଥିଲା, ସେମାନେ ବିମାନ ବନ୍ଦର ପରିସରରେ ହଟ୍ଟଗୋଳ କରିବା ସହ ଲଗେଜ୍ ଥିବା ସାମଗ୍ରୀ ଏପଟ ସେପଟ ହେଲେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଥିଲେ।

# ଆଇନ ସେବା ପ୍ରାଧିକରଣ ଦ୍ୱାରା ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ

ନୂଆପଡା,୦୪/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟାନୱାଟଠାରେ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ଆଜି ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ (ଆଂଚଳିକ କାର୍ଯ୍ୟାଳୟ, ବଲାଙ୍ଗୀର)ର କନିଷ୍ଠ ବୈଜ୍ଞାନିକ ଅଂଶୁମାନ ମିଶ୍ର, ପ୍ରାଧିକରଣର ସହକାରୀ ଆଇନ ସେବା ପ୍ରତିପକ୍ଷ ଓକିଲ କାର୍ତ୍ତିକ ରାମ ବାଗ, ବିଦ୍ୟାଳୟର ପ୍ରାଚାର୍ଯ୍ୟ ରଶ୍ମିରେଖା ଭୋଇ, ଶିକ୍ଷକଗଣ, ଛାତ୍ରଛାତ୍ରୀଗଣ ଓ ପ୍ରାଧିକରଣର ଅଧିକାର ମିତ୍ରଗଣ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରାଧିକରଣର ସଚିବ ପରିବେଶ ସୁରକ୍ଷା ଆଇନ, ୧୯୮୬, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ, ୨୦୧୬, ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତି ଗୁଡ଼ିକର ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତା) ଏବଂ ସୁପ୍ରିମ କୋର୍ଟଙ୍କ ସୁଭାସ ସଫ୍ଟୱେଆର୍ ମାଧ୍ୟମରେ ଇଂରାଜୀରୁ ଆଂଚଳିକ ଭାଷାରେ ଅନୁବାଦ ତଥା ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଆଭାସୀ ଆଇନ, ୨୦୨୦, ଦେୱାନୀ ପ୍ରଣାଳୀରେ ବିକଳ୍ପ ବିବାଦ ସମାଧାନ ଆଇନ, ୨୦୦୭ ଏବଂ ଦେୱାନୀ ପ୍ରଣାଳୀରେ ମଧ୍ୟସ୍ଥତା ଆଇନ, ୨୦୦୭, ପ୍ରାଧିକରଣ ତରଫରୁ ଅସହାୟ ମାଗଣା ଆଇନ ସେବା, ଇତ୍ୟାଦି ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ । ପ୍ରାତଃ କାଳରେ ନୂଆପଡ଼ା ବିଜ୍ଞାପିତ ଅଂଚଳ ପରିଷଦର ଇରିଗେସନ ଛକଠାରେ ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ସହକାରୀ ଆଇନ ସେବା ପ୍ରତିପକ୍ଷ ଓକିଲ, ବିଜ୍ଞାପିତ ଅଂଚଳ ପରିଷଦର କର୍ମକର୍ତା, ଆଇନ ସ୍ୱେଚ୍ଛାସେବୀ ଓ ପ୍ରାଧିକରଣର କର୍ମଚାରୀମାନେ ଯୋଗ ଦେଇ ପ୍ରାୟ ୨୦୦ କେଜିରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରିଛନ୍ତି। ଏହି ଅବସରରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପ୍ରାପ୍ତ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ଫଳକ ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବାନ୍ଧ କଳାରେ ଶ୍ରୀମଦ ଭାଗବତ ଗୀତାର ୧୮ ଅଧ୍ୟାୟର ସମସ୍ତ ଶ୍ଳୋକର କାନ୍ଥ ଝୁଲଣ

ସୁବର୍ଣ୍ଣପୁର,୦୪/୧୨ (ନି.ପ୍ର): ବିତ୍ର ଗୀତା ଜୟନ୍ତୀ ଅବସରରେ ସୁବର୍ଷ ପୁର ସହର ଗୋକନେଶ୍ୱର ପଡାର ବାନ୍ଧ ଶିଳ୍ପୀ ପ୍ରଫୁଲ୍ଲ ମେହେର ବାନ୍ଧକଳା ର ଏକ ୱାଲ ହେଙ୍ଗର ( କାନ୍ଥ ଝୁଲଣ )ରେ ଗୀତାର ଶ୍ଳୋକ ଗୁଡିକୁ ବୁଣି ଖୁବ ଚର୍ଚ୍ଚା କୁ ଆସିଛନ୍ତି ସୂକ୍ଷ୍ମ ହସ୍ତତନ୍ତ କାରିଗରୀ ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ବୁଣାକାରଙ୍କ ଦେଶ ବିଦେଶରେ ବେଶ ସୁନାମ ରହିଥି ବା ବେଳେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ସୋନପୁର ସହର ରେ ବସବାସ କରୁଥିବା ଏକ ଉଦାହରଣ ବା ପ୍ରତିଭା ହେଲେ ବାନ୍ଧ ଶିଳ୍ପୀ ପ୍ରଫୁଲ୍ଲ ମେହେର । ୱାଲ ହେଙ୍ଗର ରେ ଶ୍ରୀମଦ ଭଗବତ ଗୀତାର ସମସ୍ତ ଶ୍ଳୋକ କୁ ସ୍ଥାନିତ କରି ତିଆରି କରିଛନ୍ତି ଏକ ବାନ୍ଧ କଳା ର ଝୁଲଣ ଏହି ଅବସର ରେ ଶ୍ରୀ ମେହେର ଙ୍କ ଗୋକୁନେଶର ପଡା ସ୍ଥିତ ବାସ ଭବନ ରେ ଏକ ଉତ୍ସବ ର ଆୟୋଜନ କରା ଯାଇ ଥିଲା ସେଠାରେ ବ୍ରାହ୍ମଣ ମାନଙ୍କ ଦ୍ୱାରା ଗୀତା ପାଠ କରାଯାଇଥିବା ବେଳେ ଗୀତା ମନ୍ତ୍ର ଉଚ୍ଚାରଣ ରେ ଏହିଁ ଅଂଚଳ ରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ଜିଲ୍ଲାପାଳ ଡ଼. ନୃ ରାଜ ସାହୁ ଏଥିରେ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ କାନ୍ଥ ଝୁଲଣ କୁ ଲୋକାର୍ପଣ କରି ଏହି ଚମତ୍କାରିତା ବାନ୍ଧ କଳା ଦେଶ ବିଦେଶ ର ଲୋକ ଙ୍କୁ ଆକୃଷ୍ଟ କରିବ ଓ ଆମ ସୁବର୍ଣ୍ଣପୁର ଜିଲ୍ଲାର ଗୌରବ ବଢାଇବ ବୋଲି କହିଥିଲେ ଓ ବାନ୍ଧ ଶିଳ୍ପୀ ଶ୍ରୀମେହେର ଙ୍କ ସମେତ ଟିମ୍ ୱାର୍କ କୁ ଭୂୟସୀ ପ୍ରଶଂସା କରିଥିଲେ । ବାନ୍ଧଶିଳ୍ପୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ ମେହେର ଙ୍କ ବାପା ସ୍ୱର୍ଗତ ଅନନ୍ତ ରାମ ଜଣେ ଭାଗବତ ପ୍ରେମୀ ହୋଇ ଥିବାରୁ ଏହି ପବିତ୍ର ଭାଗବତ ଜୟନ୍ତି ତିଥି ରେ ୧୪.୩ ମିଟର ଲମ୍ବର ଓ ୩୦ ଇଂଚ ଓସାର ଏକ ୱାଲ ହେଙ୍ଗର ରେ ଭାଗବତର ୧୮ ଅଧ୍ୟାୟ ର ସମସ୍ତ ୭୦୦ ଶ୍ଳୋକ କୁ ନେଇ ସଂସ୍କୃତ ଭାଷାରେ ଏହି ୱାଲ ହେଙ୍ଗର ଟି ତିଆରୀ ହୋଇଛି । ଏଥିପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡିଛି । ଏହି ୱାଲ ହେଙ୍ଗ ର ଟିକୁ ଏହି ପବିତ୍ର ଦିନରେ ସାଧାରଣ ଲୋକଙ୍କ ପାଇଁ ବୁଣା କାମ କରି ବେଶ୍ ଖୁସିଥିବା ଓ ନିଜ କୁ ଗୌରବାନ୍ୱିତ ମନେ କରିଛନ୍ତି । ବାନ୍ଧ ଶିଳ୍ପୀ ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀ । ଏହାକୁ ବୁଣିବାକୁ ନିଜେ ପ୍ରଫୁଲ୍ଲ ଙ୍କ ସହ ୨୭ ଜଣ କାରୀଗର ୪ ବର୍ଷ ୬ ମାସ ସମୟ ଲାଗିଥିବା ବିଷୟ ମିଡ଼ିଆ ଙ୍କୁ ପ୍ରକାଶ ଛନ୍ତି । ଶ୍ରୀ ମେହେର ଜିଲ୍ଲାର ବୀରମହାରାଜପୁର ଅଚଂଳର ଏକ ବୁଣାକାର ପରିବାରରେ ଜନ୍ମିତ ହୋଇ ପିଲାବେଳୁ ନିଜର କୌଳିକ ବୃତ୍ତି ବାନ୍ଧକଳା ପ୍ରତି ବେଶ ଆଗ୍ରହ ରହିଥୁବା ଓ ଅଧ୍ୟୟନ ପରେ ସେ ରାଜ୍ୟ ବୟନ ଓ ହସ୍ତତନ୍ତ ବିଭାଗରେ ଚାକିରି କରିଥିଲେ । ଚାକିରି ସମୟରେ ନିଜର ପ୍ରତିଭା ପ୍ରଦର୍ଶନ କରି ସେ ୧୯୯୨ ରେ ନ୍ୟାଶନାଲ ମେରିଟ୍ ପୁରସ୍କାର ପାଇଥିବା ଖବର ମିଳିଛି। ଅବସର ପରେ ଏବେ ଏହି ୱାଲ ହେଙ୍ଗାଙ୍ଗ ଟିରେ ଗୀତାର ଶ୍ଳୋକ ଗୁଡିକୁ ବୁଣି ପୁଣି ବର୍ଗୀକୁ ଆସିଛନ୍ତି ଶ୍ରୀ ମେହେର । ଏହି ଅବସର ରେ ଜିଲ୍ଲାର ଅନେକ ପ୍ରତିଷ୍ଠିତ ବାନ୍ଧଶିଳ୍ପୀ, ସହର ର ବୁଦ୍ଧିଜୀବୀ ଓ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଶ୍ରୀ ମେହେର ଙ୍କ ପୁରା ପରିବାର ଓ ସାଥି ବାନ୍ଧ ଶିଳ୍ପୀ ଙ୍କୁ ଉତ୍ସାହିତ କରି ଏ ଟିମ୍ ର ସଫଳତା ପାଇଁ ଶୁଭ କାମନା ଜଣାଇ ଥିଲେ।

## ୨୨ ତମ ଖଡ଼ିଆଳ ମହୋତ୍ସବ ପାଳନ ପାଇଁ ଶୁଭ ସ୍ତମ୍ଭ ସ୍ଥାପନ

ନୂଆପଡ଼ା,୦୪/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଖେଳ ପଡ଼ିଆ ପରିସରରେ ୨୨ ତମ ଖଡ଼ିଆଳ ମହୋତ୍ସବ ୨୦୨୬ ପାଳନ ପାଇଁ ଶୁଭ ସ୍ତମ୍ଭ ସ୍ଥାପନ ଆଜି ହୋଇଯାଇଛି। କର୍ତ୍ତା ଭାବେ ଖଡ଼ିଆଳ ମହୋତ୍ସବ ପାଳନ କମିଟିର ପୂର୍ବତନ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜକ ଭାବରେ ଖଡ଼ିଆଳର ବିଶିଷ୍ଟ ପୂଜକ ସୁଦର୍ଶନ ଠାକୁର କାର୍ଯ୍ୟ ସମ୍ପାଦନ କରିଥିଲେ। ସୂଚନା ଥାଉକି ଖଡ଼ିଆଳ ମହୋତ୍ସବର ତାରିଖ ନିର୍ଦ୍ଧାରିତ ହୋଇ ନ ଥିବା ବେଳେ ଫେବୃୟାରୀ ପ୍ରଥମ ସପ୍ତାହରେ ହୋଇ ପାରେ ବୋଲି ଆଲୋଚନା ହେଉଛି। ଆଜିର ଶୁଭ ସ୍ତମ୍ଭ ସ୍ଥାପନ ସମୟରେ ମହୋତ୍ସବ କମିଟିର ସଭାପତି ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ସମ୍ପାଦକ ପୃଥିରାଜ ମହାନ୍ତି, କୋଷାଧ୍ୟକ୍ଷ ପବିତ୍ର ପ୍ରଧାନ, ପୂର୍ବତନ ମହୋତ୍ସବ କମିଟିର ସଭାପତି ନିମାଇଁ ଚରଣ ତାଣ୍ଡି, ଗୋବର୍ଦ୍ଧନ ସୁନା, ସନ୍ତୋଷ କୁମାର ପଟ୍ଟନାୟକ, କମଳ ଚରଣ ତାଣ୍ଡି, ମହେଶ କୁମାର ଦଣ୍ଡସେନା, ପ୍ରଦୀପ ଦଣ୍ଡସେନା, ଗୋବିନ୍ଦ ପଣ୍ଡା, ଅମରେଶ ପଟ୍ଟାନାୟକ, ପ୍ରବୀଣ କୁମାର ବେଦାନ୍ତ ପ୍ରଧାନ, ରୋସନ ପଣ୍ଡା, ରୁପେଶ ଛତ୍ରିଆ, ଟୁନା ଦୁର୍ଗା, ଯୋଗେନ୍ଦ୍ର ପାଣ୍ଡେ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କମଳ ଶୁଖିଲା ଖାଦ୍ୟ ବଣ୍ଟନ କଲା ଉର୍ମିଳା ଦେବୀ ମ୍ୟୁଚୁଆଲ ସପୋର୍ଟ

କେନ୍ଦୁଝର,୦୪/୧୨ (ନି.ପ୍ର): ଶୀତ ଋତୁ ଆସିଲେ ଲୋକଙ୍କ ମନରେ ଖେଳିଯାଏ ଖୁସି, କାରଣ ଏହି ଋତୁରେ ହୋଇଥାଏ ବଣଭୋଜି, ପିକ୍ ନିକ୍ , ବୁଲାବୁଲି ଆଉ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। କିନ୍ତୁ ସମସ୍ତଙ୍କ ପାଇଁ ଏହି ଶୀତ ଋତୁ ଖୁସିରେ ଲହରୀ ନେଇକି ଆସେନାହିଁ, କିଛି ଲୋକଙ୍କ ପାଇଁ ଏହା ପାଲଟି ଯାଏ ଜୀବନ ସାଙ୍ଗରେ ସଂଗ୍ରାମ କରି ବଞ୍ଚିବାର ଋତୁ। ଗରିବ ଏବଂ ଅସହା ଲୋକ ଯେଉଁମାନଙ୍କ ପାଖରେ ନା ଅଛି ମୁଣ୍ଡ ଲୁଚେଇବାକୁ ଛାତଟିଏ ନା ଅଛି ପେଟ ପାଇଁ ଦିନକୁ ଦୁଇ ଥର ଖାଇବା ସେଇମାନ ଏହି ଋତୁ ଏକ ଅଭିଶାପ ସଦୃଶ। ଏହିପରି ସହାୟ ଲୋକମାନଙ୍କୁ ଶୀତରୁ ରକ୍ଷା ପାଇଁ କମ୍ୱଳ ଏବଂ ଶୁଖୁଲା ଖାଦ୍ୟ କିଛି ସାହାଯ୍ୟ ଦେବା ପାଇଁ ବଣ୍ଟନ କରି ସେମାନଙ୍କର ଦୁଃଖଦ ପରିସ୍ଥିତିରେ ସହାୟତାର ହାତ ବଢ଼ାଇଛି ଉର୍ମିଳା ଦେବୀ ମ୍ୟୁଚୁଆଲ ସପୋର୍ଟ ଫାଉଣ୍ଡେସନ । ଉର୍ମିଳା ଦେବୀ ମ୍ୟୁଚୁଆଲ ସପୋର୍ଟ ଫାଉଣ୍ଡେସନର କର୍ମକର୍ତ୍ତାମାନେ ଏହି ଶୀତୁଆ ରାତିରେ କେନ୍ଦୁଝର ସହରର ନିକଟସ୍ଥ ବାମ୍ପାର, ଡ଼ିମ୍ବୋ, ସରାସ, ମୈଦାନକେଲ, ଯାମୁହୋତା, ମଣ୍ଡୁଆ, ଶିରୀଷପାଳ ଏବଂ ସିଲୁଆଁ ର ଗାଁ ଗାଁ ଯାଇ ଅସହାୟ ଲୋକମାନଙ୍କୁ କମଳ ଶୁଖୁଲା ଖାଦ୍ୟ ବଣ୍ଟନ କରିଛନ୍ତି। ପୂର୍ବରୁ ଗରିବ ପିଲାମାନଙ୍କୁ ପାଠ ପଢ଼ିବାରେ ମଧ୍ୟ ସହାୟତା କରିଆସୁଛନ୍ତି । ଏହି ଫାଉଣ୍ଡେସନର କର୍ମକର୍ତ୍ତାମାନେ। ଉର୍ମିଳା ଦେବୀ ମ୍ୟୁଚୁଆଲ ସପୋର୍ଟ ଫାଉଣ୍ଡେସନର କର୍ମକର୍ତା ପ୍ରତାପ ମହାନ୍ତି, ସରସ୍ୱତୀ ନାଏକ, ପ୍ରଶାନ୍ତି, ସୂର୍ଯ୍ୟ, ଲିସା, ଅର୍ଜୁନ, ଡୁଡୁଲା, ପୂଜା, ସୁଧାଂଶୁ, ନିରଜ, ଲିପୁନ ଏହି ମହତ କାର୍ଯ୍ୟରେ ସହଯୋଗ କରିଥଲେ।

## ଗୀତା ଉପନିଷଦ ଆଲୋଚନାଚକ୍ର ଅନୁଷ୍ଠିତ

ଧର୍ମଶାଳା,୦୪/୧୨ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ସୋଲର ମା' ମଙ୍ଗଳାଙ୍କ ପୀଠରେ ପବିତ୍ର ଗୀତା ଜୟନ୍ତୀ ସପ୍ତାହ ଅବସରରେ ସୋଲର ଶାଖା ପକ୍ଷରୁ ଗୀତା ଉପନିଷଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭକ୍ତି ଯୋଗ ଓ ଜ୍ଞାନ ଯୋଗ ଉପରେ ନବକିଶୋର ବିଶ୍ୱାଳ ଓ ପୁରୁଷୋତମ ନାୟକ ଆଲୋଚନା କରିଥିଲେ । ଶାଖା ସଂଘର ସଦସ୍ୟ ଫଗୁ ଚରଣ ଲେଙ୍କା,ପ୍ରକାଶ କୁମାର ବେହେରା, ରମେଶ ମହାପାତ୍ର, ଲଙ୍ଗୁଳି ଦାସ, ବଂଶୀଧର ସାହୁ, ସୁକାନ୍ତ କୁମାର ସାମଲ, କେଶବ ଚନ୍ଦ୍ର ନାଥ ଓ କାର୍ତୀକ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇ ଥିଲେ।

# କବି ସମ୍ମିଳନୀ ଓ ଗଣମାଧ୍ୟମ ପ୍ରଚାର ପ୍ରସାର କମିଟି ବୈଠକ ଅନୁଷ୍ଠିତ

ମାଲକାନଗିରି,୦୪/୧୨ (ନି.ପ୍ର): ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବରେ କବି ସମ୍ମିଳନୀ ଆୟୋଜନ କରାଯିବ। ଏଥି ନିମନ୍ତେ ଆଜି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଙ୍କ ଅଧ୍ୟକ୍ଷତାରେଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସାରସ୍ୱତ ସାଧକ ମାନଙ୍କୁ ଏଥିରେ ଭାଗ ନେବା ପାଇଁ ଆମନ୍ତ୍ରଣ କରାଯାଇଛି । ବୈଠକର ନିଷ୍ପତ୍ତି ଅନୁଯାୟୀ ୮ ଡିସେମ୍ବର ସୁଦ୍ଧା ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଠାରେ ଇଚ୍ଛୁକ କବି ନିଜ ନାମ ପଞ୍ଜିକରଣ କରାଇ ନେବେ। ଡିସେମ୍ବର ୧୦ ରେ ସଂସ୍କୃତି ଭବନ ଠାରେ ଅପରାହ୍ନ ୨ ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ବୈଠକରେ ଡିପିଏମୟୁ ଉପ ନିର୍ଦ୍ଦେଶକ ଗୋଲକ ଦଳେଇ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କମିଟି ସଦସ୍ୟ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ପ୍ରକାଶ ପଟ୍ଟନାୟକ, ରତ୍ନାକର ଦାଶ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଓ ଦୂର୍ଯ୍ୟଧନ ହନ୍ତାଳ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ। ସେହିପରି ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବର ପ୍ରଚାର ପ୍ରସାର ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଙ୍କ ଅଧ୍ୟକ୍ଷତା ରେ ଗଣମାଧ୍ୟମ ପ୍ରତିନିଧି ଏବଂ କମିଟି ସଦସ୍ୟଙ୍କ ସହ ଆଲୋଚନା କରାଯାଇଛି । ମହୋତ୍ସବର ପ୍ରଚାର ପ୍ରସାର ପାଇଁ ଗୋଟିଏ ରଥ ସମଗ୍ର ଜିଲ୍ଲା ଭ୍ରମଣ କରିବ। ଏଥିରେ ସ୍ୱାସ୍ଥ୍ୟ ଓ କୃଷି ବିଭାଗ ସହଯୋଗ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଫଟୋଗ୍ରାଫି ଓ ଭିଡ଼ିଓଗ୍ରାଫି ପ୍ରତିଯୋଗିତା କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମହୋତ୍ସବକୁ କିଭଳି ବ୍ୟାପକ ଓ ସୁଦୂର ପ୍ରସାରି କରି ପାରିବା ସେଥି ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳିକା ଡଃ ମୌସୁମୀ ମିଶ୍ର, ଆସିଷ୍ଟାଣ୍ଟ ମ୍ୟାନେଜର କ୍ୱାଲିଟି ସଚିନ୍ ଦେବ ଗୌଡ,କୃଷି ବିଭାଗରୁ ଆଶିଷ ଦୋରାଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## କଜଳା ଗ୍ରାମରେ କଳାକନା ବୁଲାଇଲେ ଚୋର

କେନ୍ଦ୍ରାପଡା ,୦୪/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ର କଜଳା ଗ୍ରାମରେ ଗୋଟିଏ ରାତିରେ ୨ଟି ସ୍ଥାନରୁ ଚୋରୀ ହୋଇଥିବା ଜଣାପଡିଛି । ପୋଲିସକୁ ଚ୍ୟାଲେଂଜ ଦେଇ ୨ଟି ଚୋରୀ ହୋଇଥିବାରୁ ଲୋକଙ୍କ ଭିତରେ ଆତଙ୍କ ସୃଷ୍ଟି ହୋଇଛି । ସେହି ଗ୍ରାମର ନିଗମାନନ୍ଦ ସାହାଣୀଙ୍କ ଘରେ ତାଙ୍କ ଝିଆରୀ ବାହାଘର ପଇଁ ରଖା ଯାଇଥିବା କଂସା ପିତଳ ସାମଗ୍ରୀକୁ ଚୋରୀ କରି ନେଇଥିବା ବେଳେ ଗୋଲଡେନ ଭିଲା କଲୋନୀରୁ ସଂଜୟ କୁମାର ଜେନାଙ୍କୁ ଘରୁ ଏକ ଲ୍ୟାପଟପ ଏବଂ ଅନ୍ୟାନ୍ୟ ସାମଗ୍ରୀ ଗୁଡିକୁ ଚୋର କଳାକନା ବୁଲାଇଛନ୍ତି । ତେବେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରୀ ହୋଇଥିବା ଜଣାପଡିଛି । ଏନେଇ ଅଭିଯୋଗ ହେବାପରେ ଥାନା ପକ୍ଷରୁ ଘଟଣାର ତଦନ୍ତ ହେଉଥିବା ଜଣାପଡିଛି ।

# ବୁଲା ଗାଈଗୋରୁ ପାଇଁ ଟ୍ରାଫିକ ସମସ୍ୟା

ନୂଆପଡ଼ା,୦୪/୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ଗାଈଗୋରୁଙ୍କ ଯୋଗୁଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏପରିକି ଚାରିଚକିଆ ଯାନରେ ଯାଉଥିବା ଲୋକ ମଧ୍ୟ ଦୁର୍ଘଟଣା ଶିକାର ହେଉଛନ୍ତି । ଗାଈଗୋରୁ ଓ ବୁଲା କୁକୁରଙ୍କ ପ୍ରତି ଏନ ଏ ସିର ନିଘା ନାହିଁ । ସହରର ପ୍ରମୁଖ ରାସ୍ତାରେ ଏହି ସମସ୍ୟା ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ସହର ମଧ୍ୟରେ ମାଲ ମାଲ ଗାଈଗୋରୁ ବୁଲୁଥିବା ବେଳେ ଖଡ଼ିଆଳ ଏନଏସି ଅଧୀନରେ ଥିବା କାଞ୍ଜି ଘର ଦୀର୍ଘବର୍ଷ ହେବ ବନ୍ଦ ଥିବାରୁ ଏନଏସି ଗାଈ ଗୋରୁଙ୍କୁ ଧରିଲେ କେଉଁଠାରେ ରଖିବ ତାକୁ ନେଇ ସମସ୍ୟା ସୃଷ୍ଟି ହେଉଛି । ବୁଲା ଗାଈଗୋରୁ ଓ କୁକୁରଙ୍କୁ ଧରିବା କାର୍ଯ୍ୟରେ ଏନ ଏ ସି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ କର୍ମଚାରୀ ନିୟୋଜିତ କରି ବୁଲା କୁକୁର, ଗାଈ ଗୋରୁଙ୍କୁ ଧଇଥାନ ଆରମ୍ଭ କରିବାକୁ ସହର ବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଉଛି । ସହରରେ ଦିନକୁ ଦିନ ବୁଲା ଗାଈ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଏନଏସି କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଦିନକୁ ଦିନ ସମସ୍ୟା ବଢି ଚାଲିଛି ଓ ଗାଈଗୋରୁ ଦୁର୍ଘଟଣାର ସଂମ୍ମୁଖୀନ ହୋଇ ମୃତ୍ୟୁ ବରଣ କରୁଛି । ଅନ୍ୟପକ୍ଷରେ ଗାଈଗୋରୁ ମାଲିକ ମାନେ ସଚେତନ ନ ହେବାରୁ ପ୍ରତ୍ୟେକ ଦିନ ସହରର ବିଭିନ୍ନ ରାସ୍ତାରେ ଗୋଠ ଗୋଠ ହୋଇ ଗୋରୁ ଗାଈ ରାସ୍ତା ଉପରେ ବୁଲୁଛନ୍ତି । ସହରର ଅଧିକାଂଶ ରାସ୍ତା ଅଣ ଓସାରିଆ ହୋଇଥିବାରୁ ଗାଈଗୋରୁ ରାସ୍ତାରେ ଚଲାବୁଲା କଲେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି । ସହରରେ ଶହଶହ ବୁଲା କୁକୁର ରାସ୍ତା ଉପରେ ଶୋଇ ରହୁଛନ୍ତି । ରାତିରେ ଯାତୟାତ କରୁଥିବା ଲୋକଙ୍କୁ ଗୋଡାଇବା ଫଳରେ ବାଇକରୁ ପଡ଼ି ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଇଛନ୍ତି । ଏଥିପ୍ରତି ଏନ ଏ ସି ପ୍ରଶାସନ ଦୃଷ୍ଟି ଦେବାକୁ ସହର ବାସି ଦାବି କରିଛନ୍ତି । ଏନେଇ ଖଡ଼ିଆଳ ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କୁ ପଚାରିବାରୁ ବୁଲା ଗାଈ ବଳଦ ନୁହେଁ ଦିନରେ ଦୁଧ ସଂଗ୍ରହ ପରେ ଛାଡି ଦେଉଛନ୍ତି । ଆଗାମୀ ଦିନରେ ଗାଈ ମାଲିକ ମାନଙ୍କ ବିରୋଧରେ ଜରିବନା ଆଦାୟ କରାଯିବ ଓ କୁକୁର ମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୀତା ଜୟନ୍ତୀ ଉତ୍ସବ

ସମ୍ବଲପୁର,୦୪/୧୨ (ନି.ପ୍ର): ଆଜି ଜଗନ୍ନାଥପ୍ରସାଦ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗୀତା ଜୟନ୍ତୀ ଉତ୍ସବ ପାଳନ ହୋଇଯାଇଛି। ଦେ୍ୱୀ ସରସ୍ୱତୀ ଏବଂ ଶ୍ରୀମଦ ଭଗବତ ଗୀତା ପୂଜନ ପରେ ଉତ୍ସବରେ ସରାପାଲି ନିକଟସ୍ଥ କୁଞ୍ଜବନ ମଠ ଗୀତା ସମିତି ସଦସ୍ୟ ସୌମିତ୍ରୀ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଷ୍ଟାଦଶ ଶ୍ଳୋକ ଗୀତା ଓ ଦ୍ୱାଦଶ ଶ୍ଳୋକ ଗୀତା ଗାନ କରାଯାଇ ପ୍ରତ୍ୟେକ ଶିଶୁଙ୍କ ଦ୍ୱାରା ୧୦୮ ରୁ ଉର୍ଦ୍ଧ୍ୱ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଗୀତାର ଉତ୍ପତ୍ତି ଓ ଯୁଗ ଅନୁସାରେ ଗୀତାର ପ୍ରୟୋଗ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ । ବିଦ୍ୟାଳୟର ଅନ୍ୟ ଗୁରୁଜୀ ଗୁରୁମା ଗୀତା ପୁସ୍ତକରେ ପୁଷ୍ପ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଗୁରୁଜୀ ସୁଶାନ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ ବିଭାଗ ଦ୍ୱାରା ୨ଟି ହାତୀ ଦାନ୍ତ ଜବତ : ୩ ଗିରଫ

ଚମ୍ପୁଆ,୦୪/୧୨ (ନି.ପ୍ର): ଜେଟିଏଫ୍ ପିସିସିଏଫ୍ ୱାଇଲ୍ଡ ଲାଇଫ ର ବିଶ୍ୱସ୍ତ ସୂଚନା ଆଧାରରେ ଏବଂ ଏଚଡି ଧନରାଜ (ଭାରତୀୟ ବନ ସେବା) ଡିଏଫ୍ଓ କେନ୍ଦୁଝରଙ୍କ ନିଦ୍ରେ୍ଦଶ କ୍ରମେ ସ୍ଥାନୀୟ ପୁଲିସ ଓ ରାଜସ୍ୱ କତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷାକରି ଚମ୍ପୁଆ ରେଞ୍ଜ ଅଧିନରେ ଥିବା ରାମଲା ଅଂଚଳରୁ ଚଢାଉ କରି ୨ଟି ହାତୀ ଦାନ୍ତ , ୩ ଟି ମଟର ସାଇକଲ ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି । ଏହି ଅଭିଯାନ ସମୟରେ ବେଆଇନ ବନ୍ୟ ଜନ୍ତୁ ବାଣିଜିକରେ ସମ୍ପୃକ୍ତି ଅଭିଯୋଗରେ ଏହି ୩ ଜଣଙ୍କୁ ଗିରଫ କରାଯାଇଛି । ଢେଙ୍କାନାଳ ଜିଲ୍ଲାର କୈଳାସ ତିରିଆ, ଝାଡଖଣ୍ଡ ପଶ୍ଚିମ ସିଂହଭୁମ ଜିଲ୍ଲାର ଚରଣ କେରାଇ ଓ କେନ୍ଦୁଝର ଜିଲ୍ଲାର ବଳଭଦ୍ରପୁର ଗ୍ରାମର ମିଶ୍ର ମୁଣ୍ଡାକୁ ଗିରଫ କରାଯାଇଛି । ଏ ସମ୍ପର୍କରେ ଓଆର୍ ମାମଲା ନମ୍ବର ୧୨ସିଏଚ୍ ଅଫ୍ ୨୦୨୫-୨୬ ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ୧୯୭୨ ଧାରା ୯,୩୯(୩) ଏବଂ ୪୯ (ବି) ଅନୁସାରେ ମାମଲା ରୁଜୁ କରାଯାଇଛି । ସେମାନଙ୍କ ନିକଟରୁ ଜବତ ହୋଇଥିବା ମଟରସାଇକଲ ହିରୋ ସ୍ପେଲେଣ୍ଡର ପ୍ଲସ ନମ୍ବର ଓଡି୦୬ଏନ୍ ୪୧୨୨, ହିରୋ ଏଚଏଫଡିଲକ୍ସ ଓଡି୦୯ଏଫ୍୫୨୧୪ ଏବଂ ଗୋଟିଏ ସ୍କୁଟି ନମ୍ବର ଜେଏଚ୦୬ୟୁ୭୦୫୧ ଜବତ କରାଯାଇଛି । ଏବଂ ଅଧିକ ତଦନ୍ତ ନିମନ୍ତେ ସ୍ଥାନୀୟ ଡିଏଫଓ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏଥିରେ ସଂପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି । ଏହି ଚଢାଉରେ ଏସିଏଫ୍ ଏକେ ଦାସ, ଚମ୍ପୁଆ ରେଂଜ ଅଫିସର ଅକ୍ଷୟ ଛତ୍ରିୟା, ବଡବିଲ ରେଂଜ ଅଫିସର ସଂଜିବ କୁମାର ରାଉତ, ଭୁୟାଁ ଜୁଆଙ୍ଗ ପିଢ ରେଂଜ ଅଫିସର ନୟନ ସାହୁ ଫରେଷ୍ଟର କାଳନ୍ଦି ସାମଲ, ଜ୍ୟୋତିରୁପା ପାଣି ତଥା ବିଭିନ୍ନ ବନକର୍ମଚାରୀ ଆଦି ଏହି ଚଢାଉରେ ସାମିଲ ଥିଲେ ।

# ସାମୂହିକ ଛୁଟି ନେଇ ଆନ୍ଦୋଳନରେ ଯୋଗ ଦେବ ଓଏଭି ଶିକ୍ଷକ ସଂଘ

ବଲାଙ୍ଗିର,୦୪/୧୨ (ନି.ପ୍ର): ଆସନ୍ତା ସୋମବାର ଡିସେମ୍ବର ଆଠ ତାରିଖରୁ ବିଭିନ୍ନ ଦାବି ନେଇ ଆନ୍ଦୋଳନ ପାଇଁ ବିଦ୍ୟାଳୟ ରୁ ସାମୂହିକଭାବେ ଛୁଟି ନେଇ ଭୁବନେଶ୍ୱର ଯିବାକୁ ଅଣ୍ଟା ଭିଡ଼ିଛି ଓଏଭି ଶିକ୍ଷକ ସଂଘ। ଆନ୍ଦୋଳନକୁ ଏତେ ଦିନ ବିତି ଯାଇଥିଲେବି ଉପରିସ୍ଥ ଅଧିକାରୀ ଏବଂ ସରକାରଙ୍କ ନିଦ ଭାଙ୍ଗୁନି, ଶିକ୍ଷକ ଶିକ୍ଷୟତ୍ରୀ ମାନେ ନଭେମ୍ବର ୨୪ ରୁ କଳା ବ୍ୟାଚ ପିନ୍ଧି ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଶାନ୍ତିପୂର୍ଣ ଆନ୍ଦୋଳନ କରିଥିଲେ। ରାଜ୍ୟର ୩୧୪ ଟି ଆଦର୍ଶ ବିଦ୍ୟାଳୟ ଶିକ୍ଷଙ୍କ ସ୍ୱର ଆଜି ଗୋଟିଏ ସ୍ୱର ପଲଟଛି, "ଆମର ଦାବି ସରକାର ମାନି ନିଅନ୍ତୁ" । ସୂଚନା ଯୋଗ୍ୟ ଯେ, ଓଏଭି ଶିକ୍ଷକ ମାନଙ୍କର ଚାକିରୀରେ ସର୍ତ୍ତାବଳୀ (କ୍ୟାଡ ରୁଲ) ନାହିଁ, ଏବେ ଯାଏ ୨୪ ଜଣ ଶିକ୍ଷକଙ୍କର ମୃତ୍ୟୁ ହୋଇସାରିଲାଣି, ଆଜି ସେମାନଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି , ସରକରଙ୍କ ତରଫରୁ କାଣୀ କୋଉଡି ଟିଏ ବି ପାଇଲେ ନାହିଁ , ସମାନ କାମକୁ ସମାନ ଦରମା ଭଳି ଅନେକ ସମସ୍ୟା ଭିତରେ ଘାଣ୍ଟି ହେଉଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ , ସରକାରଙ୍କର ଏଭଳି ବୈମାତୃକ ମନୋଭାବ କାହିଁକି ? , ବିଦ୍ୟାଳୟ ର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ସରକାରୀ ଚାକିରି ଛାଡି ଏହି ସଂଗଠନ ରେ ନିୟୋଜିତ ହୋଇଥିବା ବେଳେ ସରକାର ଙ୍କର ଏହିପରି ଅବହେଳା କୁ ମନକୁ ନିରାଶ କରିଛି , ବର୍ତ୍ତମାନ ଚାଲୁଥିବା ନିଯୁକ୍ତି ପ୍ରକ୍ରିୟାରେ ମଧ୍ୟ ଆଶାୟୀ ପ୍ରାର୍ଥୀ ପ୍ରାର୍ଥନି ମାନେ ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଆବେଦନ କରିବାକୁ ପଛଘୁଂଚା ଦେଇଛନ୍ତି । ଦୀର୍ଘ ୧୦ ବର୍ଷ ଭିତରେ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଦାବିପତ୍ର ମାଧ୍ୟମରେ ବାରମ୍ବାର ନିଜର ଅସୁବିଧା ମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରକଳ୍ପ ଅଧିକାରୀ, ଉପରିସ୍ଥ ଅଧିକାରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସମସ୍ତ ଜିଲ୍ଲାପାଳ, ସମସ୍ତ ଜନ ପ୍ରତିନିଧି (ଏମ୍.ଏଲ.ଏଏମ୍.ପି.)ଏବଂ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀଙ୍କୁ ଜଣାଇ ଆସୁଛନ୍ତି, ମାତ୍ର ସମସ୍ତ ଉଦ୍ୟମ ବିଫଳ ହୋଇଅଛି । ଯାହା ଫଳରେ ଶିକ୍ଷକ ସମାଜରେ ଆନ୍ଦୋଳନର ମୁଣ୍ଡ ଟେକିଛି । ଏପରି ଅନିଶ୍ଚିତତା ଭିତରେ ଅନେକ ଶିକ୍ଷକ-ଶିକ୍ଷୟତ୍ରୀ ଆଦର୍ଶ ବିଦ୍ୟାଳୟ ସଂଗଠନକୁ ଛାଡି ଅନ୍ୟତ୍ର ଚାକିରୀ କରିବାକୁ ଚାଲିଯାଉଛନ୍ତି । ତଥାପି ରାଜ୍ୟ ସରକାରଙ୍କ ଚେତା ପଶିନାହିଁ । ରାଜ୍ୟ ସରକାରଙ୍କ ଏହି ପରି ମନୋଭାବ ଆଦର୍ଶ ବିଦ୍ୟାଳୟର ଉନ୍ନତି ଦିଗରେ ବିରାଟ ବାଧା ସୃଷ୍ଟି କରିପାରେ ଏଥିରେ ସନ୍ଦେହ ନାହିଁ , ଏବେବି ସମୟ ଅଛି ସରକାର ଆମ ଦାବି ମାନି ନିଅନ୍ତୁ ନହେଲେ ଡିସେମ୍ବର ୮ ରେ ରାଜ ରାସ୍ତା କୁ ଓହ୍ଲେଇବ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ, ପରିଣତି ଯାହା ହେବ ସେଥିପ୍ରତି ସରକାର ଦାଈ ରହିବେ ବୋଲି ରାଜ୍ୟ ସଭାପତି ରିପୁଦମନ ମିଶ୍ର ଏବଂ ରାଜ୍ୟ ସଂପାଦକ ସୁଭାଶିଷ ଦାସ ମତ ପ୍ରକାଶ କରିଛନ୍ତି ।

# କଦମପଡା ଶିଶୁ ମନ୍ଦିରରେ "ଗୀତା ଜୟନ୍ତୀ"ଓ "ଜେଜେ ବାପା ଜେଜେ ମାଁ" ସମ୍ମିଳନୀ

ବଲାଙ୍ଗିର,୦୪/୧୨ (ନି.ପ୍ର): ଆଜି ବଲାଙ୍ଗୀରସ୍ଥ କଦମପଡା ଶିଶୁ ମନ୍ଦିରରେ 'ଗୀତା ଜୟନ୍ତୀ' ଓ' ଜେଜେ ବାପା ଜେଜେ ମା ସମ୍ମିଳନୀ ' ବିଦ୍ୟାଳୟର ସଭାପତି ଡ.ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ପାଳନ କରାଯାଇଛି । ଗୀତା ଜୟନ୍ତୀରେ ମୁଖ୍ୟ ଅତିଥି ରୂପେ ମହିଳା ମହା ବିଦ୍ୟାଳୟ,ବଲାଙ୍ଗୀରର ସଂସ୍କୃତ ଅଧ୍ୟାପକ ଅଜିତ ପଣ୍ଡା ତଥା ଜେଜେ ମାଁ ଜେଜେ ବାପା ସମ୍ମିଳନୀରେ ଅବସରପ୍ରାପ୍ତ ମିରଟ ବିଶ୍ୱ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ କ୍ଷମାନିଧି ସାହୁ ଯୋଗ ଦେଇଥିଲେ ।ଅତିଥି ପରିଚୟ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର କରିଥିଲେ । ପ୍ରଥମ କାର୍ଯ୍ୟକ୍ରମରେ ସଂଯୋଜନା ଛାତ୍ରୀ ପ୍ରଗତି ଦାଶ ଓ ବିଶାଖା ମେହେର କରିଥିବା ବେଳେ ଦ୍ୱିତିୟ କାର୍ଯ୍ୟକ୍ରମରେ ଆଚାର୍ଯ୍ୟା ମମତା ଭୋଇ କରିଥିଲେ ।

# ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା – ୨୦୨୬ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭବାନୀପାଟଣା ,୦୪/୧୨ (ନି.ପ୍ର): କଳାହାଣ୍ଡିର କଳା, ସଂସ୍କୃତି ଐତିହ ପରମ୍ପରା ଓ ଭାଇଚାରା ସମ୍ପର୍କର ମହୋତ୍ସବ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ମହାସମାରୋହରେ ପାଳନ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଜିଲ୍ଲା ସଂସ୍କୃତି ପରିଷଦ ପାଣ୍ଡ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରତିବର୍ଷ ଭଳି ଆଗାମୀ ୨୮ତମ କଳାହାଣ୍ଡି ଉତ୍ସବ ଘୁମୁର କିପରି ଶାନ୍ତି ଶୃଙ୍ଖଳା ସହିତ ଭାଇଚାରା ସମ୍ପର୍କକୁ ବଜାଇରଖି ମହାସମାରୋହରେ ଆସନ୍ତା ତା.୧୪.୦୧.୨୦୨୬ ଠାରୁ ତା.୧୭.୧.୨୦୨୬ ପର୍ଯ୍ୟନ୍ତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଭବାନୀପାଟଣା ଓ ତା.୧୫.୦୧.୨୦୨୬ ଠାରୁ ତା.୧୭.୦୧.୨୦୨୬ ପର୍ଯ୍ୟନ୍ତ ଧର୍ମଗଡଠାରେ ପାଳନ କରାଯିବ । ଜିଲ୍ଲା ର ସାଂସ୍କୃତିକ ମହୋତ୍ସବ କଳାହାଣ୍ଡି ଉତ୍ସବ ଘୁମୁରା କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇବା ପାଇଁ ଓ ଅଧିକ ସରସ ସୁନ୍ଦର କରିବା ନିମନ୍ତେ ଆବଶ୍ୟକ ବିଭିନ୍ନ କମିଟି, ସବକମିଟି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପୂର୍ବବର୍ଷ ଭଳି ଆଗାମୀ କଳାହାଣ୍ଡି ଉତ୍ସବ-୨୦୨୬ ଗ୍ରାମ ପଞ୍ଚାୟତ, ବ୍ଲକ ଏବଂ ପୌରାଞ୍ଚଳ, ଜିଲ୍ଲା ସ୍ତରରେ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ନିର୍ଦ୍ଧାରିତ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମ ର ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି । ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାର ର ଉଚକୋଟିର ସାଂସ୍କୃତିକ ଦଳ ଆଣିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଗତବର୍ଷ ଭଳି ଆଗାମୀ କଳାହାଣ୍ଡି ଉତ୍ସବ କୁ ମହାସମାରୋହରେ ଅଧିକ ସରସ ସୁନ୍ଦର ଭାବେ ଆୟୋଜନ କରାଯିବା ନିମନ୍ତେ ବୈଠକରେ ଉପସ୍ଥିତ ସଭା, ସଭ୍ୟା ନିଜର ମତ ରଖିଥିଲେ।




**ଡିସେମ୍ବର ୭ ତାରିଖ ରାତି ୮:୨୭ରେ ମଙ୍ଗଳ ଧନୁ ରାଶିରେ ପ୍ରବେଶ କରିବାର ରହିଛି। ମଙ୍ଗଳ ଜାନୁଆରୀ ୧୬, ୨୦୨୬ ସକାଳ ୪:୩୬ ପର୍ଯ୍ୟନ୍ତ ଧନୁ ରାଶିରେ ରହିବ। ମଙ୍ଗଳଙ୍କ ଗୋଚର ୩୯ ଦିନ ପାଇଁ ପାଞ୍ଚଟି ରାଶିକୁ ଅସୁବିଧାରେ ପକାଇବ। ଧନୁ ରାଶିରେ ମଙ୍ଗଳଙ୍କ ଗୋଚର ଏହି ରାଶିମାନଙ୍କ ଜୀବନରେ ବିବାଦ, ଆର୍ôଥିକ କ୍ଷତି, ଚାପ ଏବଂ ଘରୋଇ ଅଶାନ୍ତି ଭଳି ସମସ୍ୟା ସୃଷ୍ଟି କରିପାରେ। ଏହି ବ୍ୟକ୍ତିମାନଙ୍କୁ ଡିସେମ୍ବର ୭ ରୁ ଜାନୁଆରୀ ୧୬ ପର୍ଯ୍ୟନ୍ତ ଧୈର୍ଯ୍ୟ ଏବଂ ସଂଯମ ରଖିବାକୁ ପରାମର୍ଶ ଦିଆଯାଇଛି। ନିଜ ମନକୁ ଶାନ୍ତ ରଖନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ। ଆସନ୍ତୁ ଜାଣିବା ମଙ୍ଗଳର ଗୋଚର ଏହି ପାଞ୍ଚଟି ରାଶି ଉପରେ କ'ଣ ନକାରାତ୍ମକ ପ୍ରଭାବ ପକାଇବ।**

ବୃଷ: ଧନୁ ରାଶିରେ ମଙ୍ଗଳର ଗୋଚର ବୃଷ ପାଇଁ ଚାପ ସୃଷ୍ଟି କରିପାରେ। ଯେଉଁମାନେ ସହଭାଗୀତାରେ କାମ କରୁଛନ୍ତି ସେମାନଙ୍କୁ ଟିକେ ସତର୍କ ରହିବାକୁ ପଡିବ। ନିୟମିତ ଭାବରେ ଆପଣଙ୍କ କାମର ମୂଲ୍ୟାଙ୍କନ କରନ୍ତୁ, ନଚେତ୍ ଆପଣ କ୍ଷତିର ସମ୍ମୁଖୀନ ହୋଇପାରନ୍ତି। ଯଦି ଆପଣ ଋଣ ନେଇଛନ୍ତି, ତେବେ ଅନାବଶ୍ୟକ ଖର୍ଚ୍ଚକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତୁ ଏବଂ ଏହାକୁ ପରିଶୋଧ କରିବାକୁ ଚେଷ୍ଟା କରନ୍ତୁ, ନଚେତ୍ ଆପଣ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଆର୍ôଥିକ ନିବେଶ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ଅନ୍ଧ ବିଶ୍ୱାସ କରିବା ଠିକ ନୁହେଁ।

ମିଥୁନ ରାଶି: ମଙ୍ଗଳର ଗମନ ମିଥୁନ ରାଶିର ଲୋକଙ୍କ ଜୀବନରେ ସଂଘର୍ଷ ଏବଂ ଚ୍ୟାଲେଞ୍ଜ ଆଣିପାରେ। ଏହି ସମୟରେ ଆପଣ କରୁଥିବା ଯେକୌଣସି କାମ କଷ୍ଟକର ଏବଂ ସମୟସାପେକ୍ଷ ହୋଇପାରେ, କିନ୍ତୁ ଧୈର୍ଯ୍ୟ ରଖନ୍ତୁ; ନଚେତ୍ ଜିନିଷଗୁଡ଼ିକ ଭୁଲ ହୋଇପାରେ। ଆପଣଙ୍କ ମନକୁ ଶାନ୍ତ ରଖିବା ପାଇଁ ଯୋଗ, ଧ୍ୟାନ ଇତ୍ୟାଦି ଅଭ୍ୟାସ କରନ୍ତୁ। ଏହା ଲାଭଦାୟକ ହେବ। ଶାନ୍ତ ମନରେ ନିଷ୍ପତ୍ତି ନିଅନ୍ତୁ, ନଚେତ୍? ଅସ୍ଥିର ମନ ଭୁଲ ନିଷ୍ପତ୍ତି ନେଇପାରେ।

କର୍କଟ: ଧନୁ ରାଶିରେ ମଙ୍ଗଳଙ୍କ ଗମନ କର୍କଟ ରାଶିର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ଡିସେମ୍ବର ୭ରୁ ଜାନୁଆରୀ ୧୬ ମଧ୍ୟରେ କାର୍ଯ୍ୟ ଚାପ ବଢ଼ିପାରେ, ଯାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାମ କରିବା ସମୟରେ ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଏହି ସମୟ ଆପଣଙ୍କ ପାଇଁ ଚାପପୂର୍ଣ୍ଣ ରହିବ, କିନ୍ତୁ ମାନସିକ ଚାପରୁ ଦୂରେଇ ରୁହନ୍ତୁ। ଆପଣଙ୍କ ନିୟନ୍ତ୍ରଣ ବାହାରେ ଥିବା ଜିନିଷ ବିଷୟରେ ଚିନ୍ତା କରିବା ଆପଣଙ୍କ ପାଇଁ କୌଣସି ଲାଭଦାୟକ ନୁହେଁ।

ସିଂହ: ମଙ୍ଗଳ ଗ୍ରହର ଗମନ ସିଂହ ରାଶିର ପ୍ରେମ ଏବଂ ବୈବାହିକ ଜୀବନରେ ଉତ୍ତେଜନା ଆଣିପାରେ। ସିଂହ ରାଶିର ବ୍ୟକ୍ତିମାନେ ସେମାନଙ୍କ ସାଥୀଙ୍କ ସହିତ ଦ୍ୱନ୍ଦ୍ୱ କିମ୍ବା ଯୁକ୍ତିତର୍କ ଏଡାଇବା ଉଚିତ। ଆପଣଙ୍କ କଥାରେ ସଂଯମତା ଅବଲମ୍ବନ କରନ୍ତୁ ଏବଂ ଆପଣଙ୍କ ସାଥୀଙ୍କ କଥାକୁ ଧ୍ୟାନ ଦେଇ ଶୁଣନ୍ତୁ। ତାଙ୍କ ମତାମତକୁ ପ୍ରାଥମିକତା ଦିଅନ୍ତୁ। ଅହଂକାରକୁ ଏଡନ୍ତୁ। ନଚେତ୍ ଆପଣଙ୍କ ପ୍ରେମ ଜୀବନ ତିକ୍ତ ହୋଇପାରେ। ଏହା ବୈବାହିକ ଜୀବନ ପାଇଁ ମଧ୍ୟ ପ୍ରଯୁଜ୍ୟ।

କନ୍ୟା: ମଙ୍ଗଳର ଗମନ କନ୍ୟା ରାଶିର ଲୋକଙ୍କ ପାଇଁ ଘରୋଇ ଉତ୍ତେଜନା ସୃଷ୍ଟି କରିପାରେ। ପରିବାର ସଦସ୍ୟଙ୍କ ସହିତ ଯୁକ୍ତିତର୍କ ସମ୍ଭବ। ଆପଣ ପରିବାରରେ କିଛି ବିଷୟ ଉପରେ ଆପଣଙ୍କ ମତାମତ ପ୍ରକାଶ କରିପାରନ୍ତି, କିନ୍ତୁ ଆପଣଙ୍କୁ ସଂଯମତା ଅବଲମ୍ବନ କରିବାକୁ ପଡିବ। ଆପଣ ଆପଣଙ୍କ ମା'ଙ୍କ ସହିତ ଆପଣଙ୍କ ହୃଦୟର ଭାବନା ବାଣ୍ଟି ପାରିବେ, କିନ୍ତୁ ଆପଣଙ୍କ ସମ୍ପର୍କକୁ କ୍ଷତି ନ ପହଞ୍ଚାଇବା ପାଇଁ ସତର୍କ ରୁହନ୍ତୁ। ମଙ୍ଗଳ କ୍ରୋଧ ବୃଦ୍ଧି କରିପାରେ, ତେଣୁ ଯୋଗ, ପ୍ରାଣାୟମ ଏବଂ ଧ୍ୟାନ ଅଭ୍ୟାସ କରନ୍ତୁ।

ଘର ଭିତରେ ଥିବା ପବନ କ'ଣ ଘାତକ କି? ନଭେମ୍ବର ମାସ ଆରମ୍ଭ ହେବା ସହିତ, ସାରା ଦେଶରେ ପାଗ ପରିବର୍ତ୍ତନ ହେବା ଆରମ୍ଭ ହୋଇଛି। କେଉଁଠି ଆକାଶ କଳା ମେଘରେ ଘୋଡ଼ାଇ ହୋଇଯାଉଛି ତ ଅନ୍ୟ କେଉଁଠି ସକାଳ କୁହୁଡ଼ି ଚାଦରରେ ଘୋଡ଼ାଇ ହୋଇଯାଉଛି। କୁହୁଡ଼ି ବିଷୟରେ କହିବାକୁ ଗଲେ, ନଭେମ୍ବର ମାସର କୁହୁଡ଼ିର ମୁଖ୍ୟ କାରଣ ହେଉଛି ବାୟୁ ପ୍ରଦୂଷଣ ଏବଂ ତାପମାତ୍ରାରେ ହ୍ରାସ।

ପାଗ ପରିବର୍ତ୍ତନ ସହିତ ପ୍ରଦୂଷଣ ବୃଦ୍ଧି ପାଇଥାଏ। ଲୋକେ ପ୍ରାୟତଃ ବିଶ୍ୱାସ କରନ୍ତି ଯେ, ପ୍ରଦୂଷଣ କେବଳ ସେମାନଙ୍କ ଘର ବାହାରେ ରହିଥାଏ, କିନ୍ତୁ ଏହା ସତ ନୁହେଁ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଘର ଭିତରେ ପ୍ରଦୂଷଣ ମଧ୍ୟ ଘଟେ। ଧୂପକାଠି ଏବଂ ରୋଷେଇ ଘରର ଧୂଆଁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ସମାନ କ୍ଷତିକାରକ। ଏସବୁ ଘର ଭିତରର ବାୟୁ ପ୍ରଦୂଷଣ। ବିଶେଷଜ୍ଞମାନଙ୍କ ଅନୁସାରେ ଧୂପକାଠି ଭଳି ଜିନିଷରେ ଭୋଲାଟାଇଲ୍ ଜୈବ ଯୌଗିକ ରହିଥାଏ।

ଏହି ସ୍ଥାନଗୁଡ଼ିକରେ ଦୀର୍ଘ ସମୟ ଧରି ରହିବା ଦ୍ୱାରା ଫୁସଫୁସ ପ୍ରଦାହ ଏବଂ ଲଗାତାର କାଶ ହୋଇପାରେ। ପୂର୍ବରୁ ଶ୍ୱାସକ୍ରିୟା ସମସ୍ୟା ଥିବା ବ୍ୟକ୍ତିମାନଙ୍କୁ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।




*ରୋଷେଇ ଘରର ଧୂଆଁ ସ୍ୱାସ୍ଥ୍ୟ ପାଇଁ ବିପଦଜନକ :*

ଡକ୍ଟର ମିତ୍ତଲଙ୍କ ଅନୁସାରେ ରୋଷେଇ ଘରର ଧୂଆଁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ। ଡକ୍ଟର ମିତ୍ତଲଙ୍କ ମତରେ, ଯେଉଁ ଘରେ ଚିମନି କିମ୍ବା ବାୟୁଚଳନ ବିନା ରୋଷେଇ କରାଯାଇଥାଏ, ସେଠାରେ ପ୍ରଦୂଷଣ ବାହାର ପବନ ଅପେକ୍ଷା ମଧ୍ୟ ଅଧିକ ବିପଦପୂର୍ଣ୍ଣ ହୋଇପାରେ।

ଏହା ବାହାର ପ୍ରଦୂଷଣ ପରି ବିପଜ୍ଜନକ ହୋଇପାରେ। ଏଥିରେ ପ୍ରଦୂଷଣ ପରି ବିପଜ୍ଜନକ କଣିକା ମଧ୍ୟ ଥାଏ । ତେଣୁ, ଘର ଭିତରେ ପ୍ରଦୂଷଣରୁ ନିଜକୁ ରକ୍ଷା କରିବା ପାଇଁ ଘରେ ଉପଯୁକ୍ତ ବାୟୁ ଚଳାଚଳ ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

*ଘର ଭିତରର ବାୟୁ ପ୍ରଦୂଷଣକୁ କିପରି ଏଡାଇବେ ?*

ଘର ଭିତରେ ବାୟୁ ପ୍ରଦୂଷଣକୁ ଏଡାଇବା ପାଇଁ, ଧୂପକାଠି କମ୍ ବ୍ୟବହାର କରନ୍ତୁ କିମ୍ବା ଖୋଲା କୋଠରୀରେ ବ୍ୟବହାର କରନ୍ତୁ।

ସୁଗନ୍ଧ ପାଇଁ,ଏସେନସିଆଲ ଅଏଲ କିମ୍ବା ବୈଦ୍ୟୁତିକ ସୁଗନ୍ଧ ବ୍ୟବହାର କରିପାରିବେ।

ରୋଷେଇ କରିବା ସମୟରେ ସର୍ବଦା ଏକଜଷ୍ଟ ଫ୍ୟାନ୍ କିମ୍ବା ଚିମନି ଚଲାନ୍ତୁ।

ତେଲକୁ ପୁଣି ଥରେ ଗରମ କରିବାରୁ ଦୂରେଇ ରୁହନ୍ତୁ।

ଭାଜିବା ପରିବର୍ତ୍ତେ, ଫୁଟାଇବା, ଷ୍ଟିମ୍ କରିବା କିମ୍ବା ବେକିଂ ଭଳି ପଦ୍ଧତିର ବ୍ୟବହାର କରନ୍ତୁ।

## ମାନସିକ ଚାପ ହ୍ରାସ କରେ ଯୋଗ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି । ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ । ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ । ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ । ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ । ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ । ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ । ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ । ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ । ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ । ସବୁବେଳେ ଯୋଗ କଲେ ଭଲ ନିଦ ହୁଏ । ଏହାର ଆଉ ଏକ ଉପକାରୀ ଗୁଣ ରହିଛି । ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ । ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର ।

## ସିଷ୍ଟ୍ ଥିବା ମହିଳାମାନେ ଏଭଳି ଭାବେ ସତର୍କ ରୁହନ୍ତୁ

ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ୍ ହେଉଛି ସବୁଠାରୁ ସାଧାରଣ ହରମୋନ୍ ରୋଗ। ଯାହାକି ଲକ୍ଷ ଲକ୍ଷ ମାସିକ ଋତୁସ୍ରାବ ହେଉଥିବା ମହିଳାଙ୍କୁ ପ୍ରଭାବିତ କରେ। ଏହା ରହିଲେ ମହିଳାମାନେ ଗର୍ଭଧାରଣାରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।




ଏହା ଅନିୟମିତ ଋତୁସ୍ରାବ, ବ୍ରଣ କିମ୍ବା ଅତ୍ୟଧିକ କେଶ ଝଡ଼ିବାର କାରଣ ହୋଇଥାଏ। ଓଜନ ବୃଦ୍ଧି ମଧ୍ୟ ଆଉ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟେ କାରଣ ଏହା ହରମୋନ୍ ସନ୍ତୁଳନକୁ ଆହୁରି ବିପର୍ଯ୍ୟସ୍ତ କରିପାରେ।

ସମ୍ପ୍ରତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ **PCOS** ପରାମର୍ଶଦାତା ଇନଷ୍ଟାଗ୍ରାମରେ ଏକ ଭିଡିଓ ଅପଲୋଡ୍ କରିଛନ୍ତି। ଯେଉଁଥିରେ ସର୍ବୋତ୍ତମ **PCOS** ସକାଳର ରୁଟିନ୍ ସେୟାର କରାଯାଇଛି।

କ'ଣ ସେହି ରୁଟିନ୍?

: କୁହାଯାଇଛି କି ପ୍ରତିଦିନ ସମାନ ସମୟରେ ଶୋଇବା ଏବଂ ଉଠିବା ହେଉଛି ସବୁଠାରୁ ଭଲ ଚିକିତ୍ସା। ଯାହା ଆପଣଙ୍କ ଶରୀରରେ କର୍ଟିସୋଲ୍ ସ୍ତରକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ।

: ସକାଳ ଜଳଖିଆରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଜଳଖିଆରେ ଅତି କମ୍‌ରେ ୨୫ ପ୍ରତିଶତ ପ୍ରୋଟିନ୍? ରହିବା ଜରୁରୀ। ଏହା ଆପଣଙ୍କ ମେଟାବୋଲିଜିମ୍, ଶକ୍ତି, ରକ୍ତ ଶର୍କରା ଏବଂ ଇନସୁଲିନ୍ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

: ଆପଣଙ୍କ ସକାଳର ଚଉଙ୍କ ରୁଟିନରେ ଗ୍ରିନ୍ ଟି ବା ସବୁ ଚା'କୁ ସାମିଲ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଗବେଷଣାରୁ ଜଣାପଡିଛି ଯେ ଏହି ସୁସ୍ଥ ପାନୀୟ ଇନସୁଲିନ୍ ପ୍ରତିରୋଧକୁ ଉନ୍ନତ କରିବାରେ, ଟେଷ୍ଟୋଷ୍ଟେରନ୍ ସ୍ତରକୁ ହ୍ରାସ କରିବାରେ ଏବଂ ସିଧାସଳଖ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ପୂର୍ବରୁ ପରାମର୍ଶଦାତା ମହିଳାମାନଙ୍କୁ ଚଉଙ୍କ ଥିଲେ ତିନୋଟି ଅଭ୍ୟାସ ଅନୁସରଣ କରିବାକୁ କହିଥିଲେ

୧. ଦିନକୁ ଦୁଇ ଥର ସବୁଜ ଚା' ପିଇବା ଜରୁରୀ

୨. ଦିନମାନ ମଧ୍ୟରେ ୧୦୦ ଗ୍ରାମ୍‌ର ପ୍ରୋଟିନ୍ ଖାଦ୍ୟ ଖାଇବା ଉଚିତ୍?

୩. ଏଲ୍-କାର୍ନିଟାଇନ୍ (୧,୦୦୦-୨,୦୦ଏମ୍‌ଜି) + ବର୍ବେରିନ୍ (୫୦୦-୧,୦୦୦ଏମ୍?ଜି) ନେବା ଜରୁରୀ।




**ଗ୍ରୀନ୍ ମଟରରୁ ମଟରକୁ ବାହାର କରିବା ପରେ ଆମେ ସେଥିରୁ ବାହାରୁଥିବା ଚୋପାକୁ ଫୋପାଡି ଦେଇଥାଉ। କିନ୍ତୁ ଆପଣ ଜାଣିଛନ୍ତି କି ଗ୍ରୀନ୍ ମଟରର ଚୋପା ଆମ ଶରୀର ପାଇଁ ବରଦାନ ସାବ୍ୟସ୍ତ ହୋଇଥାଏ। ତେବେ ଆସନ୍ତୁ ଜଣିବା ମଟର ଚୋପାର ବିଶେଷତ୍ୱ ସଂପର୍କରେ....**

ପରିବା ଏବଂ ଫଳ ଆମ ଶରୀର ପାଇଁ ଅନେକ ଲାଭଦାୟକ ହୋଇଥାଏ। ଏଥିରେ ରହିଥିବା ନାନାଦି ପ୍ରକାର ଭିଟାମିନ୍ ଏବଂ କ୍ୟାଲସିୟମ ଆମ ଶରୀରର ଅନେକ ଆବଶ୍ୟକତାକୁ ପୂରଣ କରିବାରେ ସାହାର୍ଯ୍ୟ କରିଥାଏ। ଡାକ୍ତର ମାନେ ବି ପ୍ରତ୍ୟେହ ଫଳ ଏବଂ ଭରପୁର ସବୁଜ ପନିପରିବା ଖାଇବାକୁ ପରାମର୍ଶ ଦେଇଥାଆନ୍ତି।କିନ୍ତୁ ଆମେ ପ୍ରତ୍ୟେକ ପନିପରିବା ବା ଫଳକୁ ଖାଇବା ସମୟରେ ତା ଦେହରୁ ବାହାରୁଥିବା ଚୋପାକୁ ଫୋପାଡି ଦେଇଥାଉ। କିନ୍ତୁ ଏଭଳି କିଛି ଫଳ ରହିଛି ଯାହାର ଚୋପା ପୋଷକ ତତ୍ତ୍ୱରେ ପରିପୁଣ ହେବା ସହ ଶରୀର ପାଇଁ ଅଧିକ ଲାଭଦାୟକ ହୋଇଥାଏ। ଶୀତଦିନେ ବଜାରରେ ଗ୍ରୀନ୍ ମଟର ସୁବିଧାରେ ଉପଲବ୍ଧ ହୋଇଥାଏ।

ମଟରକୁ ଆମେ ମଟର ସୁପ, ପନିର ମଟର ତରକାରୀ, ଉପମା ପରି କେତେ ବ୍ୟଞ୍ଜନରେ ବ୍ୟବହାର କରିଥାଉ। ସାଧାରଣତଃ ମଟରକୁ ବ୍ୟବହାର କରି ଆମେ ସେଥିରୁ ବାହାରୁ ଥିବା ଚୋପାକୁ ଫୋପାଡି ଦେଇଥାଉ। କେତେ ଲୋକ ମଟରରୁ ବାହାରୁଥିବା ଚୋପାକୁ ଗାଇଗୋରୁଙ୍କୁ ଖାଇବାକୁ ଦେବାରେ ବ୍ୟବହାର କରିଥାଆନ୍ତି। ଆୟୁର୍ବେଦ ଏବଂ ବୈଜ୍ଞାନିକ ଗବେଷଣା ଅନୁସାରେ ମଟର ଦାନା ପରି ଏହାର ଚୋପା ଶରୀର ପାଇଁ ବରଦାନ ଅଟେ। ତେବେ ଆସନ୍ତୁ ଏହାର ଫାଇଦା ସଂପର୍କରେ ଅଧିକ ଆଲୋଚନା କରିବା।

*ମଟର ଚୋପାରେ କେଉଁ କେଉଁ ଉପାଦାନ ରହିଥାଏ ?*

ମଟର ଚୋପାରେ କପର, ଭିଟାମିନ ସି, କ୍ୟାଲସିୟମ, ଫାଇବର ଭରପୁର ମାତ୍ରାରେ ରହିଥାଏ। ଏଥିରେ ଥିବା ପୋଟାସିୟମ ଶରୀରରେ ଥିବା ତରଳ ପଦାର୍ଥର ସନ୍ତୁଳନକୁ ବଜାଇ ରଖିବା ସହ ହୃଦୟକୁ ଭଲଭାବରେ କାମ କରିବାରେ ସାହାର୍ଯ୍ୟ କରିଥାଏ।

*ମଟର ଚୋପାରେ ରହିଥାଏ ଭିଟାମିନ*

ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଭିଟାମିନ୍ କେ ସ୍ୱାଭାବିକ ରକ୍ତ ଜମାଟ ବାନ୍ଧିବାରେ ସାହାଯ୍ୟ କରେ ଏବଂ ହାଡ଼କୁ ମଜବୁତ କରିଥାଏ।

*ଆଖି ପାଇଁ ଲାଭଦାୟକ*

ମଟର ଚୋପାରେ କ୍ୟାରୋଟିନଏଡ୍ ନାମକ ପ୍ରାକୃତିକ ରାସାୟନିକ ପଦାର୍ଥ ରହିଥାଏ। ଯାହା ଆଖି ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ଆଖି କୋଷ କାର୍ଯ୍ୟକୁ ବଜାୟ ରଖିବା ସହିତ ଆଲୋକ କ୍ଷତିରୁ ଆଖିକୁ ସୁରକ୍ଷା ଦେଇଥାଏ।

*ପେଟ ପାଇଁ ଲାଭଦାୟକ*

ମଟରର ଚୋପାରେ ଭରପୁର ମାତ୍ରାରେ ଫାଇବର ରହିଥାଏ। ଯାହା ଆମ ଶରୀରର ପେଟ ସମସ୍ୟରେ ସୁଧାର ପରିଲକ୍ଷିତ କରିଥାଏ। ମଟର ଚୋପାର ସେବନ ଫଳରେ ଶରୀରରେ ଉପନ୍ନ କୋଷ୍ଠକାଠିନ୍ୟ, ଗ୍ୟାସ ପରି ଜଟିଳ ସମସ୍ୟାରୁ ଏହା ଆରାମ ଦେଇଥାଏ। ଏହା ଶରୀରରେ ପାଚନ କ୍ରିୟାକୁ ସରଳ କରିଥାଏ।

*ଓଜନ କମାଏ*

ଏହି ମଟର ଚୋପାକୁ ଡାଏଟ କରୁଥିବା ଲୋକମାନେ ଚଟଣି କରି ଖାଇପାରିବେ। ମଟରର ଚୋପାରେ ଫାଇବର ଭରପୁର ମାତ୍ରାରେ ରହିଥାଏ । ଫାଇବର ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ବହୁତ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ । ଯେଉଁମାନେ ଡାଏଟ କରୁଛନ୍ତି ସେମାନେ ମଟରର ଚୋପାକୁ ପ୍ରତିଦିନ ଖାଇବା ଫଳରେ ମୋଟା ହୋଇନଥାଆନ୍ତି।

*ମଟରର ଚୋପାକୁ ବ୍ୟବହାର କରିବେ କିପରି ?*

ମଟରର ଚୋପାକୁ ପରିଷ୍କାର ଭାବରେ ଧୋଇ କାଟି ଏଥିରେ ଆଳୁ ମିଶାଇ ଭଜା ପ୍ରସ୍ତୁତ କରିପାରିବେ। ସେହିପରି ଏହି ଚୋପାରୁ ଆପଣ ସ୍ୱାଦିଷ୍ଟ ଚଟଣି ତିଆରି କରିପାରିବେ। ମଟରର ଚୋପାରେ କଞ୍ଚାଲଙ୍କା, ଧନିଆଗୁଣ୍ଡ, ଲେମ୍ବୁ, ରସୁଣ, ଚାଟ ମସଲାକୁ ବ୍ୟବହାର କରି ଚଟଣି ପ୍ରସ୍ତୁତ କରିପାରିବେ। ଏହି ଚଟଣୀକୁ ଆପଣ ରୁଟି, ପରଟା, ଭାତ ସହ ବିଭିନ୍ନ ସ୍ନାକ୍ସ ଖାଦ୍ୟ ସହ ଖାଇପାରିବେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୫ ଡିସେମ୍ବର ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପ୍ରତିରକ୍ଷା ଓ ଶକ୍ତି ନିରାପତ୍ତା: ପୁଟିନଙ୍କ ଗସ୍ତର ମୁଖ୍ୟ ଏଜେଣ୍ଡା

ନୂଆଦିଲ୍ଲୀର ରାଜପଥରେ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଉପସ୍ଥିତି ବର୍ତ୍ତମାନର ଜଟିଳ ବିଶ୍ୱ ରାଜନୀତିରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ଘଟଣା ଅଟେ । ଏହି ଗସ୍ତକୁ କେବଳ ଦୁଇ ଦେଶ ମଧ୍ୟରେ ଥିବା ଦୀର୍ଘଦିନର ବନ୍ଧୁତାର ପରିପ୍ରକାଶ ଭାବେ ଦେଖିବା ଯଥେଷ୍ଟ ହେବ ନାହିଁ, ବରଂ ଏହା ଭାରତର କୂଟନୈତିକ ସନ୍ତୁଳନ ଓ ରଣନୀତିକ ସ୍ୱାୟତ୍ତତାର ଏକ କଠିନ ପରୀକ୍ଷା ମଧ୍ୟ । ଗୋଟିଏ ପଟେ ୟୁକ୍ରେନ ଯୁଦ୍ଧକୁ ନେଇ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆକୁ ବିଶ୍ୱ ମଞ୍ଚରେ ଏକଘରକିଆ କରିବାକୁ ଉଦ୍ୟମ ଜାରି ରଖିଥିବା ବେଳେ, ଅନ୍ୟପଟେ ଭାରତ ପୁଟିନଙ୍କୁ ସ୍ୱାଗତ କରି ନିଜର ସ୍ୱାଧୀନ ବୈଦେଶିକ ନୀତିର ପରିଚୟ ଦେଇଛି । ତେବେ, ଏହି ନିଷ୍ପତ୍ତି ଭାରତ ପାଇଁ ସହଜ ନୁହେଁ; କାରଣ ଏହାଦ୍ୱାରା ଆମେରିକା ଓ ୟୁରୋପୀୟ ସହଯୋଗୀମାନଙ୍କ ସହ ସମ୍ପର୍କରେ ସାମାନ୍ୟ ଅସ୍ୱସ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି । କିନ୍ତୁ ଜାତୀୟ ସ୍ୱାର୍ଥ, ଆଞ୍ଚଳିକ ସୁରକ୍ଷା ଏବଂ ଶକ୍ତି ନିରାପତ୍ତାକୁ ଦୃଷ୍ଟିରେ ରଖି ଭାରତ ଏହି 'ବାସ୍ତବବାଦୀ' ପଦକ୍ଷେପ ଗ୍ରହଣ କରିଛି, ଯାହା ପ୍ରମାଣ କରୁଛି ଯେ ନୂଆଦିଲ୍ଲୀ କୌଣସି ଗୋଷ୍ଠୀର ଚାପରେ ନ ଆସି ନିଜର ପ୍ରାଥମିକତାକୁ ସର୍ବୋପରି ଗୁରୁତ୍ୱ ଦେଇଥାଏ ।

ବର୍ତ୍ତମାନର ପରିସ୍ଥିତିରେ ଏହି ଗସ୍ତର ଗୁରୁତ୍ୱ ଅନେକ ଗୁଣ ବଢିଯାଇଛି । ୟୁକ୍ରେନ ଯୁଦ୍ଧ ପରଠାରୁ ବିଶ୍ୱ ଦୁଇଟି ଭାଗରେ ବିଭକ୍ତ ହୋଇଯାଇଥିବା ବେଳେ ଭାରତ ଏକ ନିରପେକ୍ଷ ତଥା ଶାନ୍ତିପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଆସିଛି । ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକର କ୍ରମାଗତ ଚାପ ସତ୍ତ୍ୱେ ଭାରତ ରୁଷିଆ ସହ ନିଜର ବାଣିଜ୍ୟିକ ଏବଂ କୂଟନୈତିକ ସମ୍ପର୍କକୁ ଛିନ୍ନ କରିନାହିଁ । ଏହି ଗସ୍ତ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ପୁଟିନ ବିଶ୍ୱକୁ ଏହି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଯେ ଦୁଇ ଦେଶର ସମ୍ପର୍କ ସମୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ଏବଂ ବାହ୍ୟ ଶକ୍ତି ଦ୍ୱାରା ଏହା ପ୍ରଭାବିତ ହେବନାହିଁ । ବିଶେଷକରି, ଭାରତ ପାଇଁ ଏହା ଏକ କୂଟନୈତିକ ସନ୍ତୁଳନର ଖେଳ । ଗୋଟିଏ ପଟେ ଆମେରିକା ସହ ରଣନୀତିକ ଭାଗିଦାରୀ ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ରୁଷିଆ ସହ ପୁରୁଣା ବନ୍ଧୁତାକୁ ବଜାୟ ରଖିବା ଭାରତୀୟ ବୈଦେଶିକ ନୀତିର ପରିପକ୍ୱତାକୁ ଦର୍ଶାଉଛି ।

ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପ୍ରତିରକ୍ଷା ସହଯୋଗ । ଭାରତ ଯଦିଓ ପାଶ୍ଚାତ୍ୟ ଦେଶମାନଙ୍କଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରୁଛି, ତଥାପି ଆଜି ମଧ୍ୟ ଭାରତୀୟ ସେନାର ମେରୁଦଣ୍ଡ ରୁଷୀୟ ଜ୍ଞାନକୌଶଳ ଉପରେ ନିର୍ଭରଶୀଳ । ଏସ୍-୪୦୦ କ୍ଷେପଣାସ୍ତ୍ର ପ୍ରଣାଳୀ ହେଉ କିମ୍ବା ଏକେ-୨୦୩ ରାଇଫଲର ମିଳିତ ଉତ୍ପାଦନ, ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ କେବଳ 'କ୍ରେତା-ବିକ୍ରେତା' ମଧ୍ୟରେ ସୀମିତ ନ ରହି 'ମିଳିତ ବିକାଶ ଓ ଉତ୍ପାଦନ' ଆଡ଼କୁ ଗତି କରୁଛି । ପୁଟିନଙ୍କ ଏହି ଗସ୍ତ ସମୟରେ ପ୍ରତିରକ୍ଷା କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଏବଂ ଭାରତରେ ଯୁଦ୍ଧାସ୍ତ୍ର ନିର୍ମାଣ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି, ଯାହା ଭାରତର 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ ଅଧିକ ବଳିଷ୍ଠ କରିବ । ଏହାବ୍ୟତୀତ, ରୁଷିଆରୁ ମିଳୁଥିବା ସାମରିକ ସରଞ୍ଜାମର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ମଧ୍ୟ ଭାରତ ପାଇଁ ଏକାନ୍ତ ଆବଶ୍ୟକ, କାରଣ ଚୀନ୍ ଓ ପାକିସ୍ତାନ ସୀମାରେ ଉତ୍ତେଜନା ଲାଗିରହିଛି ।

ପ୍ରତିରକ୍ଷା ବ୍ୟତୀତ ଶକ୍ତି ନିରାପତ୍ତା (**Energy Security**) ଏହି ଆଲୋଚନାର ଅନ୍ୟ ଏକ ମୁଖ୍ୟ ବିଷୟବସ୍ତୁ । ଗତ କିଛି ବର୍ଷ ମଧ୍ୟରେ ଭାରତ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ ବହୁମାତ୍ରାରେ ବୃଦ୍ଧି କରିଛି । ପାଶ୍ଚାତ୍ୟ କଟକଣା ସତ୍ତ୍ୱେ ରୁଷିଆ ଭାରତକୁ ରିହାତି ଦରରେ ତୈଳ ଯୋଗାଇ ଆସୁଛି, ଯାହା ଫଳରେ ଭାରତ ନିଜର ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ସହ ଅର୍ଥନୀତିକୁ ସୁଦୃଢ଼ କରିପାରିଛି । ପୁଟିନଙ୍କ ଏହି ଗସ୍ତ କାଳରେ ଶକ୍ତି କ୍ଷେତ୍ରରେ ଦୀର୍ଘମିଆଦି ଚୁକ୍ତି ଏବଂ କୁଡାନକୁଲମ ପରମାଣୁ ବିଦ୍ୟୁତ୍ କେନ୍ଦ୍ରର ସମ୍ପ୍ରସାରଣ ନେଇ ଆଲୋଚନା ହେବା ସ୍ୱାଭାବିକ । କେବଳ ତୈଳ ନୁହେଁ, କୋଇଲା ଏବଂ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି ପାଇଁ ଉଭୟ ପକ୍ଷ ଆଗ୍ରହୀ । ଏହା ସହିତ ଚେନ୍ନାଇ-ଭ୍ଲାଦିଭୋଷ୍ଟକ ସାମୁଦ୍ରିକ କରିଡରର କାର୍ଯ୍ୟକାରିତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି, ଯାହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ପରିବହନ ସମୟକୁ ହ୍ରାସ କରିବାରେ ସହାୟକ ହେବ ।

ତେବେ, ଏହି ସମ୍ପର୍କରେ କିଛି ଆହ୍ୱାନ ମଧ୍ୟ ରହିଛି । ବିଶେଷକରି ବାଣିଜ୍ୟ କ୍ଷେତ୍ରରେ ଅସନ୍ତୁଳନ ଏକ ବଡ଼ ସମସ୍ୟା । ଭାରତ ରୁଷିଆରୁ ବିପୁଳ ପରିମାଣର ସାମଗ୍ରୀ ଆମଦାନୀ କରୁଥିବା ବେଳେ ରପ୍ତାନି ପରିମାଣ ତୁଳନାତ୍ମକ ଭାବେ ବହୁତ କମ୍ । ଏହି ବାଣିଜ୍ୟ ନିଅଣ୍ଟକୁ କମାଇବା ପାଇଁ ଭାରତୀୟ ଔଷଧ, କୃଷିଜାତ ଦ୍ରବ୍ୟ ଏବଂ ଆଇଟି ସେବା ପାଇଁ ରୁଷୀୟ ବଜାରରେ ଅଧିକ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ଏହାଛଡ଼ା, ଆନ୍ତର୍ଜାତିକ କଟକଣା ଯୋଗୁଁ ଦେୟ ପୈଠ କରିବାରେ ଯେଉଁ ସମସ୍ୟା ଉପୁଜୁଛି, ତାହାର ସମାଧାନ ପାଇଁ ଏକ ସ୍ଥାୟୀ ରୁପି-ରୁବଲ୍ ବାଣିଜ୍ୟ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ଉପରେ ଏହି ବୈଠକରେ ନିଶ୍ଚିତ ଭାବେ ଗୁରୁତ୍ୱ ଦିଆଯିବ । ଏହି ଗସ୍ତର ଭୂ-ରାଜନୈତିକ ଦିଗଟି ଅତ୍ୟନ୍ତ ସମ୍ବେଦନଶୀଳ । ଚୀନ୍ ସହିତ ରୁଷିଆର ବଢୁଥିବା ଘନିଷ୍ଠତା ଭାରତ ପାଇଁ ଏକ ଚିନ୍ତାର ବିଷୟ । ପାଶ୍ଚାତ୍ୟ ଦେଶଗୁଡ଼ିକର ବିରୋଧ ଯୋଗୁଁ ରୁଷିଆ ଅଧିକରୁ ଅଧିକ ଚୀନ୍ ଉପରେ ନିର୍ଭରଶୀଳ ହେଉଛି । ଏଭଳି ପରିସ୍ଥିତିରେ ଭାରତ ଚାହେଁ ନାହିଁ ଯେ ରୁଷିଆ ସମ୍ପୂର୍ଣ୍ଣ ରୂପେ ଚୀନ୍ର ପ୍ରଭାବ ବଳୟ ମଧ୍ୟକୁ ଚାଲିଯାଉ । ତେଣୁ, ପୁଟିନଙ୍କୁ ଭାରତ ନିମନ୍ତ୍ରଣ କରି ଏହା ସୁନିଶ୍ଚିତ କରିବାକୁ ଚାହୁଁଛି ଯେ ଏସିଆ ମହାଦେଶରେ ଶକ୍ତି ସନ୍ତୁଳନ ବଜାୟ ରହୁ । ଅନ୍ୟପକ୍ଷରେ, ରୁଷିଆ ମଧ୍ୟ ଜାଣେ ଯେ କେବଳ ଚୀନ୍ ଉପରେ ନିର୍ଭର କରିବା ତା'ର ସାର୍ବଭୌମତ୍ୱ ପାଇଁ କ୍ଷତିକାରକ ହୋଇପାରେ । ତେଣୁ ଭାରତ ଭଳି ଏକ ଶକ୍ତିଶାଳୀ ଏବଂ ବିଶ୍ୱସ୍ତ ବନ୍ଧୁ ରୁଷିଆ ପାଇଁ ମଧ୍ୟ ଅପରିହାର୍ଯ୍ୟ । ଏହି ପରିପ୍ରେକ୍ଷୀରେ ଦେଖିଲେ, ପୁଟିନଙ୍କ ଭାରତ ଗସ୍ତ ଉଭୟ ଦେଶ ପାଇଁ ଏକ ରଣନୀତିକ ଆବଶ୍ୟକତା ।

ପରିଶେଷରେ, ରୁଷୀୟ ରାଷ୍ଟ୍ରପତିଙ୍କ ଏହି ଗସ୍ତର ଫଳାଫଳକୁ ନେଇ ଅତ୍ୟଧିକ ଉତ୍ସାହିତ ହେବା ପରିବର୍ତ୍ତେ ଏହାକୁ ଏକ ବାସ୍ତବବାଦୀ ଦୃଷ୍ଟିକୋଣରୁ ଦେଖିବା ଆବଶ୍ୟକ । ଯଦିଓ ଏହି ଗସ୍ତ ଭାରତର ଶକ୍ତି ନିରାପତ୍ତା ଏବଂ ପ୍ରତିରକ୍ଷା ଆବଶ୍ୟକତା ପୂରଣ କରିବାରେ ସହାୟକ ହେବ, କିନ୍ତୁ ଏହା ସହିତ କିଛି ଗମ୍ଭୀର କୂଟନୈତିକ ଆହ୍ୱାନ ମଧ୍ୟ ଆଣିଛି । ଆମେରିକା ଏବଂ ପାଶ୍ଚାତ୍ୟ ଦେଶମାନଙ୍କ ସହ ଭାରତର ବଢୁଥିବା ଅର୍ଥନୈତିକ ଓ ପ୍ରଯୁକ୍ତିଗତ ସମ୍ପର୍କକୁ ବିପଦରେ ନ ପକାଇ ରୁଷିଆ ସହ ବନ୍ଧୁତା ବଜାୟ ରଖିବା ନୂଆଦିଲ୍ଲୀ ପାଇଁ ଏକ କାଠିକର ପାଠ ହେବ । ତେଣୁ, ଏହି ଗସ୍ତର ପ୍ରକୃତ ସଫଳତା କେବଳ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାରେ ସୀମିତ ନୁହେଁ, ବରଂ ଆଗାମୀ ଦିନରେ ଭାରତ କିଭଳି ଭାବରେ ବିଶ୍ୱର ଦୁଇ ବିପରୀତ ମହାଶକ୍ତି ଗୋଷ୍ଠୀ ମଧ୍ୟରେ ନିଜର ସ୍ୱାର୍ଥ ରକ୍ଷା କରିପାରୁଛି, ତାହା ଉପରେ ନିର୍ଭର କରିବ ।

# ସୃଷ୍ଟି ପାଇଁ ମାଟି

## ଇନ୍ଦୁ ଭୂଷଣ ଭୂୟାଁ

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତ୍ତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ। ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି। ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ଚଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ। କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ। ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ। ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର। ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତ୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଞ୍ଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ। ଏହି କାମରେ ମାଟି ଯେ କେବଳ ଜୀବସତ୍ତାର ପ୍ରାରମ୍ଭିକ କର୍ତ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ। ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି। ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ। ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି। ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୨୫ ମସିହା ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମନାଯାଉଛି। ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ। ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ। ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତ୍ତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ। ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି। ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ। ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତ୍ତିକା ସମ୍ପଦ ଅବକ୍ଷୟଗାମୀ। ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି। ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି। ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଞ୍ଚିଯିବ। ଗୋଟିଏ ସେଣ୍ଟିମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ। ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ। ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ।

ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ। ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି। ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ। ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା। ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି। ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ। କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ। ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି। କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି। ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିରେ ମାନକୁ ନିମ୍ନଗାମୀ କରିପକାଇଲାଣି। ମାଟି ପାଇଁ ସୃଷ୍ଟି ବଞ୍ଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଞ୍ଚାଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ ।


+ପ୍ରତିଷ୍ଠାତା, ସମ୍ପାଦକ
'ସିଂହଭୂମ୍', ପୁରୁଣା ସୋନାରି,
ଜାମସେଦପୁର
ମୋ: ୭୪୮୮୯୯୮୫୩୨


# ସମାଜ ସେବାରେ ଭିନ୍ନ ଦିଗନ୍ତ

## ଡ଼ଃ.ଅରୁନ୍ଧତୀ ଦେବୀ

ଆଜି ବିଶ୍ୱ ସ୍ୱେଚ୍ଛାସେବୀ ସଂଗଠନ ଦିବସ । ସମାଜର ବିକାଶରେ ଓ ରାଷ୍ଟ୍ରୀୟ ପ୍ରଗତିରେ ସମାଜ ସେବାର ଗୁରୁ ଦାୟିତ୍ୱକୁ ମନେ ପକାଇବାର ସ୍ମରଣୀୟ ଦିନ । ସଂପ୍ରତି ସବୁକ୍ଷେତ୍ରରେ ସାମାଜିକ ସଂଗଠନର ଗୁରୁ ଦାୟିତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି । ସ୍ୱାସ୍ଥ୍ୟସେବା ଠାରୁ ଶିକ୍ଷା ସୂଚନା ପ୍ରଯୁକ୍ତି ଠାରୁ କଳା ସବୁଠି ସମାଜ ସେବାର ଗୁରୁଦାୟିତ୍ୱ ରହିଛି । ଆଜିକାଲି କିଛି ଆଧାତ୍ମିକ ସଂଗଠନ ଓ ରାଜନୈତିକ ଦଳମାନେ ମଧ୍ୟ ସମାଜ ସେବାରେ ନିଜକୁ ନିୟୋଜିତ ରଖୁଛନ୍ତି ।

ଅନେକ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ କି ସରକାରଙ୍କ ବିନା ସହାୟତାରେ ଅନ୍ୟ କିଛି ସାମାଜିକ ପ୍ରଗତିମୂଳକ ସେବା କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖୁଛନ୍ତି । ଓଡ଼ିଶାରେ ଅନେକ କିଛି ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଲୋକଲୋଚନକୁ ନ ଆସି ବିନା ସରକାରୀ ସହାୟତାରେ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛନ୍ତି । ବିଭିନ୍ନ ବେସରକାରୀ ସଂଗଠନମାନେ ବିନା ସରକାରୀ ସହାୟତାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗ୍ରାମାଞ୍ଚଳ ବିକାଶ, ଗରିବ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା, ଗ୍ରାମ୍ୟ ସଫେଇ ଓ ଫୁଟ୍‌ପାଥର ଲୋକମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି । ସମାଜ ସେବା କ୍ଷେତ୍ରରେ ସାମାଜିକ ସଂଗଠନ ମାନେ ଅନେକ କିଛି ବାଧାବିଘ୍ନକୁ ସାମ୍ନା କରିଥାନ୍ତି । ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଢ଼ୋକେ ପିଇ ଦଣ୍ଡେ ଜିଁଇ ନ୍ୟାୟରେ କାହାପାଖରେ ହାତ ନପାତି ବି ମାନବ ସେବାକୁ ମାଧବ ସେବା ଭାବରେ ରୂପାନ୍ତରିତ କରି ଜନସେବାରେ ନିଜକୁ ନିୟୋଜିତ ରଖିଛନ୍ତି । ଅନେକ କ୍ଷେତ୍ରରେ ଦେଖାଯାଏ ସରକାରଙ୍କ ନାଲିଫିତା ତଳେ ସ୍ୱେଚ୍ଛାସେବୀ ସଂଗଠନର ଅନୁମତି ପ୍ରଦାନ ହେଉ କିମ୍ବା ଅନୁଦାନ ସବୁ ବନ୍ଦ ହୋଇଯାଏ ଯାହାଦ୍ୱାରା ପ୍ରଗତିମୂଳକ କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଂଗଠନଟି ଯଥାର୍ଥ ରୂପରେ ସେବା କରିବାରୁ ବଞ୍ଚିତ ହୋଇଥାଏ । ନିକଟରେ କେନ୍ଦ୍ର ସରକାରଙ୍କ ଏକ ତାଲିକା ଅନୁଯାୟୀ ରାଜ୍ୟରେ ଓ ଭାରତରେ କାର୍ଯ୍ୟ କରୁଥିବା କିଛି ସ୍ୱେଚ୍ଛାସେବୀ ସଂଗଠନର ତାଲିକା ବାହାରିଛି ଯେଉଁମାନେ କାର୍ଯ୍ୟ ନକରିବି ଭୁଲ ତଥ୍ୟ ଦେଇ ସରକାରଙ୍କ ଠାରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇବାକୁ ସକ୍ଷମ ହେଉଛନ୍ତି ଯାହାଦ୍ୱାରା ବାସ୍ତବରେ ସେବା କରୁଥିବା ସଂଗଠନଟି ସେମାନଙ୍କ ସମାଜ ସେବା କ୍ଷେତ୍ରରୁ ଦୂରେଇ ଯିବା ପାଇଁ ବାଧ ହୋଇଥାନ୍ତି । ଯଦିଓ ସାମାଜିକ ଓ ନ୍ୟାୟ ମନ୍ତ୍ରାଳୟ ଏହି କଳା ତାଲିକାଭୁକ୍ତ ସଂଗଠନ ପାଇଁ କଡ଼ା ଲଗାମ ଲଗାଇଛନ୍ତି ତେବେ ଏହା ସବୁ କ୍ଷେତ୍ରରେ ସମ୍ଭବ ହୋଇପାରୁନାହିଁ । ସମାଜ ସେବା ପାଇଁ ଆଜିର ଯୁବପିଢ଼ୀମାନେ କ୍ୟାରିୟର କରିବା ପାଇଁ ଆଗେଇ ଆସୁଛନ୍ତି ସମାଜ ବିଜ୍ଞାନ ଓ ସୋସିଆଲ୍ ସର୍ଭିସ ପାଠ୍ୟକ୍ରମ ଏହି ପିଲାମାନଙ୍କୁ ସେମାନଙ୍କ କ୍ୟାରିୟର ପାଇଁ ସଠିକ ରାସ୍ତା ଦେଖାଉଛି । ପ୍ରଶ୍ନ ଉଠୁଛି ଯେ, ସମାଜ ସେବା ପାଇଁ କ'ଣ ପ୍ରକୃତରେ ଜଣକୁ କେଉଁ ଉପାଦାନ ପ୍ରଯୁଜ୍ୟ । ଦେଖାଯାଉଛି ଜଣଙ୍କ ହାତପାହାନ୍ତାରେ ଯନ୍ତ୍ରଣାରେ ଛଟପଟ ହୋଇ ଜଣେ ଚିକିତ୍ସା ପାଇଁ ଚିତ୍କାର କରୁଛି, ଗାଁରେ ଜଣେ ଅନାହାର ମୃତ୍ୟୁରେ ଛଟପଟ ହେଉଛି । ରାସ୍ତାକଡ଼ରେ ଦୁର୍ଘଟଣାରେ କ୍ଷତବିକ୍ଷତ ହୋଇ ଜଣେ ସାହାଯ୍ୟର ହାତ ବଢ଼ାଉଛି, ଦିନ ଦିନ ଧରି ଖାଦ୍ୟ ନପାଇ ଅନାହାରରେ ଜଣେ ଷଢୁଥିବା ବେଳେ ସମାଜସେବୀମାନେ ସେଇଠୁ ହିଁ ସେମାନଙ୍କର କ୍ଷେତ୍ର ନିର୍ବାଚିତ କରି ସମାଜ ସେବାରେ ନିୟୋଜିତ ରୁହନ୍ତି। ସବୁକ୍ଷେତ୍ରରେ ସରକାରଙ୍କ ଉପରେ ଗୁରୁଦାୟିତ୍ୱ ଠେଲି ଦେଇ ନିଜ ଦାୟିତ୍ୱ ଶେଷ କରିଦେଲେ ହେବ ନାହିଁ । ନର ସେବା ହିଁ ନାରାୟଣଙ୍କ ସେବା । ଅବହେଳିତ, ଅସହାୟଙ୍କ ସେବା ହେଉଛି ଯଥାର୍ଥରେ ଭଗବାନଙ୍କ ପ୍ରତି ସମର୍ପିତ ଭକ୍ତି ନିବେଦ୍ୟ ଏହାକୁ ସମସ୍ତେ ଜୀବନର ଧର୍ମ ଭାବରେ ବିବେଚନା କରି ଜୀବନ ଧର୍ମ ଭାବରେ ସେହିମାନଙ୍କ ମୁହଁରେ ହସ ଟିକେ ଫୁଟାଇ ପାରିଲେ ସମାଜ ସେବା କ୍ଷେତ୍ର ଗୌରବାନ୍ୱିତ ହେବା ସହ ସେହି ନର ନାରାୟଣଙ୍କ ଆଶୀର୍ବାଦରେ ଜୀବନ ଧନ୍ୟ ହେବ । ଆସନ୍ତୁ ଆନ୍ତର୍ଜାତିକ ଭଲ୍ୟୁଣ୍ଟାରୀ ଡ଼େ ଅବସରରେ ସମସ୍ତଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାର ଶପଥ ନେବା।


+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ
ଆନ୍ଦୋଳନ କଟକ,
ମୋ : ୯୯୩୭୧୭୨୮୧୦


# ଭାତର ବାସ୍ନାରେ ସଂସ୍କୃତିର ଉଷ୍ମତା

## ଡକ୍ଟର ଲକ୍ଷ୍ମଣ ସାହୁ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଜାପାନରେ, ଏକ ବିଶ୍ୱାସ ଅଛି ଯେ ରାନ୍ଧିବା ପୂର୍ବରୁ ଚାଉଳ ଭିଜାଇଲେ ସକାରାତ୍ମକ ଶକ୍ତି ସୃଷ୍ଟି ହୁଏ, ଯାହା ଖାଦ୍ୟକୁ ଅଧିକ ଶକ୍ତିଶାଳୀ କରିଥାଏ । ପିଲାମାନଙ୍କ ପାଇଁ ଅନ୍ନପ୍ରାଶନ ସମାରୋହ ସମୟରେ ମଧ୍ୟ, ନବଜାତ ଶିଶୁକୁ ପ୍ରଥମ ଖାଦ୍ୟ ଭାବରେ ରୂପା ମୁଦ୍ରା କିମ୍ବା ରୂପା ଚାମଚ ସହିତ ଭାତ ପୁଡ଼ିଂ ଖୁଆଇ ଦିଆଯାଏ । ହିନ୍ଦୁ ବିବାହ ସମୟରେ ପୁଅ ମା' କାନିରେ ଚାଉଳ ଆଞ୍ଜୁଳି ଦେଇ ବରବେଶରେ ଯାତ୍ରା କରେ । ଭାରତରେ ସହରାଞ୍ଚଳ ହେଉ କିମ୍ବା ଗ୍ରାମାଞ୍ଚଳ, କନ୍ୟା ବିବାହ ସ୍ଥାନ ଛାଡି ପରିବାର ଉପରେ ଚାଉଳ ଛିଞ୍ଚି ତାଙ୍କ ପଛରେ ଥାଆନ୍ତି, ଯାହା ପ୍ରତୀକାତ୍ମକ ଭାବରେ ଜଣାଇଥାଏ ଯେ ତୁମେ ସମସ୍ତେ ଚାଉଳ ପରି ଏକ ହୋଇ ରୁହ, ଭାଙ୍ଗିବ ନାହିଁ କିମ୍ବା ବିଚ୍ଛୁରିତ ହେବ ନାହିଁ । ଗୌତମ ବୁଦ୍ଧଙ୍କ ପିତାଙ୍କ ନାମ ଶୁଦ୍ଧୋଘନ ମଧ୍ୟ ଚାଉଳରୁ ଆସିଛି ବୋଲି ଏକ କାହାଣୀ ମଧ୍ୟ ଅଛି । ତାଙ୍କ ଜ୍ଞାନପ୍ରାପ୍ତି ସମୟରେ ସୁଜାତା ବୁଦ୍ଧଙ୍କୁ ଚାଉଳ ପୁଡ଼ି ଖାଇବାକୁ ଦେଇଥିବାର ମଧ୍ୟ ଉଲ୍ଲେଖ ଅଛି । ଦରିଦ୍ର ଭକ୍ତ ସୁଦାମାଙ୍କ ଚାଉଳ ଭଜାରେ ଭଗବାନ କୃଷ୍ଣ ପ୍ରିୟ ସଖାକୁ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ କରିପାରିଥିଲେ ।

(ଶରୀର ଓ ମନ ପାଇଁ ଚାଉଳକୁ ଉଷ୍ମ, ନରମ ଓ ହାଲୁକା ଭାତକୁ ସାତ୍ୱିକ ଖାଦ୍ୟ ଭାବରେ ବିବେଚନା କରାଯାଏ। ଏହା ମନକୁ ଶାନ୍ତ କରେ ଓ ଭଲ ନିଦରେ ସାହାଯ୍ୟ କରେ । ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଭାତରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ। ଯାହା ତୁରନ୍ତ ଶକ୍ତି ପ୍ରଦାନ କରେ। ଗୋଟିଏ ପାତ୍ର ରନ୍ଧା ଭାତ ପ୍ରାୟ ୧୩୦ କ୍ୟାଲୋରୀ ଶକ୍ତି ପ୍ରଦାନ କରେ । ଭାତ ହାଲୁକା, ନରମ ଓ ସହଜରେ ହଜମ ହୁଏ। ଏହା ଗ୍ୟାସ୍, ବଦହଜମୀ କିମ୍ବା କୋଷ୍ଠକାଠିନ୍ୟ ଭଳି ସମସ୍ୟା ପାଇଁ ଉପଯୋଗୀ । ଏହା ରୋଗୀ କିମ୍ବା ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଉପଯୁକ୍ତ। ଭାତରେ କାର୍ବୋହାଇଡ୍ରେଟ୍ ଓ ଅଳ୍ପ ପରିମାଣର ପ୍ରୋଟିନ୍ ସନ୍ତୁଳିତ ଶକ୍ତି ପ୍ରଦାନ କରେ । ଭାତରେ ବି ଭିଟାମିନ୍ (**B1, B2, B6, I B6**) ପରି ପୁଷ୍ଟିକର ତତ୍ତ୍ୱ ମଧ୍ୟ ଥାଏ, ଯାହା ଏକ ସୁସ୍ଥ ସ୍ନାୟୁ ପ୍ରଣାଳୀ ଓ ପାଚନ ପ୍ରଣାଳୀକୁ ବଜାୟ ରଖେ । ଏହା ବ୍ୟତୀତ, ମ୍ୟାଗ୍ନେସିୟମ୍, ଫସଫରସ୍ ଓ ଲୌହ ଭଳି ପୁଷ୍ଟିକର ତତ୍ତ୍ୱ ହାଡ଼ ତଥା ରକ୍ତ ପାଇଁ ଅତ୍ୟାବଶ୍ୟକ । ବ୍ରାଉନ୍ ଚାଉଳରେ ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା କୋଲେଷ୍ଟ୍ରଲ୍‌କୁ କମ କରିଥାଏ । ହୃଦ୍‌ରୋଗର ଆଶଙ୍କା ହ୍ରାସ କରିଥାଏ । ତେଣୁ ଭାତ ଗ୍ଲୁଟେନ୍‌ମୁକ୍ତ, ଗ୍ଲୁଟେନ୍ ଆଲର୍ଜି କିମ୍ବା ସିଲିଆକ୍ ରୋଗ ଥିବା ଲୋକମାନେ ଏହାକୁ ସୁରକ୍ଷିତ ଭାବରେ ଖାଇପାରିବେ ।

ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ କଳା ଚାଉଳରେ ଧଳା ଭାତ ଅପେକ୍ଷା ଅଧିକ ପ୍ରୋଟିନ୍, ଲୌହ ଓ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଚାଉଳକୁ ଖିଚଡି, ଦରିଆ, ଇଡଲି, ଦୋସା, ପୁଲାଓ ଓ ଦହି ଭାତ ସମେତ ଅନେକ ପୁଷ୍ଟିକର ଓ ହାଲୁକା ଖାଦ୍ୟ ପ୍ରସ୍ତୁତ କରିବାକୁ ବ୍ୟବହାର କରାଯାଇପାରିବ। ଭାରତୀୟ କୃଷି ଗବେଷଣା ପରିଷଦ ଦୁଇଟି ଜିନୋମ୍- ସମ୍ପାଦିତ ଧାନ କିସମ ବିକଶିତ କରିଛି। ଏଗୁଡ଼ିକ ଜଳବାୟୁ ଅନୁକୂଳ ଓ କମ୍ ପାଣି ଆବଶ୍ୟକ କରେ। ଏବେ ଖାଦ୍ୟ ସୁରକ୍ଷା, ଗୁଣବତ୍ତା ଓ ଜମି ଆବଶ୍ୟକତା ଉପରେ ଧ୍ୟାନ ଦେଇ ନୂତନ ଧାନ କିସମ ବିକଶିତ କରିବା ପାଇଁ ଗବେଷଣା ଚାଲିଛି । ଭାରତ ଭଳି ଏକ କୃଷି ପ୍ରଧାନ ଦେଶ ପାଇଁ ଏହି ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଜଳ ଅଭାବ ଓ ପରିବେଶଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ସେଭଳି କଥା ଅଛି ଯେ ଚାଉଳ ପାଣି ଏକ ଘରୋଇ ସୌନ୍ଦର୍ଯ୍ୟ ଉପଚାର ଥିଲା। ହଜାର ବର୍ଷ ପୂର୍ବେ ମଧ୍ୟ ପ୍ରାଚୀନ ଜାପାନୀ ମହିଳାମାନଙ୍କ ପାଇଁ ଚାଉଳ ଚର୍ମ ଓ କେଶ ସୌନ୍ଦର୍ଯ୍ୟର ରକ୍ଷକ ଥିଲା। ତେବେ ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ, କାରଣ ଆଜି ମଧ୍ୟ ଚର୍ମ ଓ କେଶର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଚାଉଳରୁ ତିଆରି ସୌନ୍ଦର୍ଯ୍ୟ ଉତ୍ପାଦର ବଜାର ୬.୪ ବିଲିୟନ ଡଲାରର ପହଞ୍ଚିଛି।

ଏହା କାନୁକୁ ମଧ୍ୟ ମଜବୁତ କରିବା ପାଇଁ ବ୍ୟବହୃତ ହୋଇଥାଏ । ଦୃଷ୍ଟାନ୍ତ ସ୍ୱରୂପ ଚୀନର ମହାପ୍ରାଚୀରର ଶକ୍ତିର ରହସ୍ୟ ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଯେତେବେଳେ ଏହା ଆସୁନଥିଲା, ସେମାନେ ଚିକ୍କଣିଆ ତୁଷାର ଓ ଚୂନ ମିଶ୍ରଣ କରି ଏକ ସ୍ୱତନ୍ତ୍ର ପେଷ୍ଟ ତିଆରି କରିଥିଲେ । ଏହାକୁ ଅଧିକ ଚିକ୍କଣ ଓ ମଜବୁତ କରିବା ପାଇଁ ଚାଉଳ ବ୍ୟବହାର କରିଥିଲେ । ହୁଏତ ଏହି କାରଣରୁ କାନ୍ଥଟି ଏତେ ଦିନ ଧରି ଅକ୍ଷତ ରହିଛି । ସମସ୍ତେ ହୋଣ୍ଡା ନାମ ଜାଣନ୍ତି। ଜାପାନୀ ଭାଷାରେ, ହୋଣ୍ଡାର ଅର୍ଥ 'ମୁଖ୍ୟ ଧାନ କ୍ଷେତ'। ସେହିପରି, ଟୟୋଟା ସହିତ କିଏ ପରିଚିତ ନୁହେଁ? ଏହି ନାମର ଅର୍ଥ 'ସୁନ୍ଦର ଧାନ କ୍ଷେତ'। ଯେତେବେଳେ ଚାଉଳ ଆଦର ବଢିଲା। ସେତେବେଳେ ଚୀନର ଟିଆଙ୍ଗୋଙ୍ଗ ସ୍ପେସ ଷ୍ଟେସନରେ ପରୀକ୍ଷଣ ଭାବରେ ଧାନ ବିହନ ବୁଣା ଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ, ଧାନ ବିହନଗୁଡ଼ିକ କେବଳ ଅଙ୍କୁରିତ ହୋଇନଥିଲା ବରଂ ପରିପକ୍ୱ ହୋଇଥିଲା ଓ ନୂତନ ବିହନ ଉତ୍ପାଦନ କରିଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଧାନ ବିହନଗୁଡ଼ିକୁ ଚୀନକୁ ଫେରାଇ ଅଣାଯାଇଥିଲା ଓ ପୁଣି ବୁଣାଯାଇଥିଲା, ଯାହା ଫଳରେ ବିହନଗୁଡ଼ିକ ପୁଣି ବଢ଼ିଥିଲା।

ବାସ୍ତବରେ ଆମ ପାଇଁ, ଭାତ କେବଳ ଏକ ଖାଦ୍ୟ ନୁହେଁ; ଏହା ବିଶ୍ୱାସର ପଥରେ ଏକ ଆଶୀର୍ବାଦ । ଶତାବ୍ଦୀ ଧରି, ଏହା ସୌନ୍ଦର୍ଯ୍ୟର ପଥ ସହିତ ଏକ ଅଂଶ ହୋଇ ରହିଛି । ଏହାର ସଂରକ୍ଷଣ ଆମକୁ କ୍ଷୁଧା ସହିତ ଲଢ଼ିବା ଶିଖାଇଛି । ଏହାର ପୁଷ୍ଟିକର ମୂଲ୍ୟ ବିଶ୍ୱବ୍ୟାପୀ ପ୍ରଶଂସା କରାଯାଉଛି। ତେଣୁ ଭାତର ବାସ୍ନାରେ ଭାରତୀୟ ସଂସ୍କୃତିରେ ଉଷ୍ମତା ଭରି ରହିଛି ନିଃସନ୍ଦେହ । ଏବେ ନୂତନ ଚାଉଳ ପାଇଁ ସମୟ ଆସିଛି, ଓ ନୂତନ ଚାଉଳରେ ରନ୍ଧା ହୋଇଥିବା ଭାତର ସ୍ୱାଦିଷ୍ଟତା ବିଷୟରେ ଆଉ ଅଧିକ କ'ଣ କୁହାଯାଇପାରିବ... ?
(ସମାପ୍ତ)


+ ଅଧ୍ୟକ୍ଷ, ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦ ୧୫୧୪ ୭୫


କବିତା କୋଣାର୍କ

# ତୁମକୁ ମୁଁ ଖୋଜେ

## ଆନନ୍ଦ କୁମାର ମାଇତି



ତୁମେ ବୋଧେ
ମୋ ଭିତରେ ଘୁରି ବୁଲୁଛ ?
ଆଉ ମୋ ଆତ୍ମାର ଅତି ନିକଟରେ,
ହାତ ପାହାନ୍ତାରେ
ଦେଖ କି ବିଡମ୍ବନା !
ଛୁଇଁବି ଛୁଇଁବି କହି ଛୁଇଁ ପାରେନା !
ସ୍ପର୍ଶ ପାଇଥିଲେ ହୁଏତ
ତୁମ ବିନା ସବୁକିଛି ନିସ୍ତେଜ
ହୁଅନ୍ତାନି କେବେ ।

ମୁଁ ତ କେବେ ତୁମକୁ ଭୁଲିଯିବାକୁ
କହିନି ?
ମୁଁ କହି ନଥିଲି - ତଥାପି ତୁମେ ସହଜରେ
ଅନ୍ତରି ଦିଅ।

ମୁଁ ତୁମକୁ ଚାହୁଁଛି,
ଦିନର ଶେଷରେ ମୁଁ ତୁମକୁ
ମନେ ପକାଏ।

ମୁଁ କାହିଁକି ଯେ ଅନୁଭବ କରେ -
ତୁମ ବିନା, ବାକି ସବୁ ଠିକ୍ ନୁହେଁ।

ତୁମେ କ'ଣ ଜାଣ,
ଯଦି ମୁଁ ତୁମର ସ୍ୱର ଶୁଣି ନପାରେ,
ତେବେ ମୋର ଭିତରଟା ଓଜନିଆ
ହୋଇଯାଏ ?
ଗୋଟେ ପ୍ରଶ୍ନ ବାରମ୍ବାର ମୋତେ
ଆକ୍ରମଣ କରେ -
ମୋର ଆକର୍ଷଣ କ'ଣ
କେବଳ ମୋର ?

ମୁଁ ନିଜକୁ ଅନେକ ଥର ଜେରା
କରିଛି,
ମୁଁ କେବେ ଉତ୍ତର ପାଏ ନାହିଁ।
ମୁଁ କେବଳ ଅନୁଭବ କରେ -
ତୁମେ ମୋର
ଏକ ଅଂଶ ହୋଇଗଲଣି।


+ମୋ : ୯୪୩୯୦୭୭୩୯୫


# ଦିବ୍ୟାଙ୍ଗ

## ସୁଧାକର ରାଉତ

ଶୀତଳ ବାଆ ଟା ଥିରି ଥିରି
ବହୁଅଛି ହୋଇ ସିରି ସିରି
ପୁଷ ମାସ ଏବେ ଆସିଅଛି ବୋଲି
ହସି କହେ ସିଏ ଠାରି ଠାରି ।
ଗେଣ୍ଡୁଫୁଲ ମାଳ ଧରି ଧରି
ଚାହୁଁଛି ଖୁସିରେ ଫେରି ଫେରି
ଡାକଇ ପିଲାଙ୍କୁ ସଅଳ ଉଠହେ
ନ କରିଣ ଆଉ ଡେରି ଡେରି ।
ନିତ୍ୟ କର୍ମ ତୁମ ସାରି ସାରି
ଯୋଗାଭ୍ୟାସ ସବୁ କରି କରି
ସୁସ୍ଥ ଓ ସବଳ ରହିବା ପାଇଁକି
ମନେ ନୂଆ ଭାବ ଭରି ଭରି ।
ଅମଳ କାମ ତା ସାରି ସାରି
ବସିଅଛି ଚାଷୀ ଥକା ମାରି
ବରଷ ଯାକର ପରିଶ୍ରମ ମୂଲ
ପାଇ ହସେ ସିଏ କିରି କିରି ।
କାକର ଘାସରେ ସିରି ସିରି
ଲାଗିଣ ଦିଶେ ମୁକୁତା ପରି
ତା ସଙ୍ଗେ କୁହୁଡ଼ିର ଧଳା ଚଦର
ଚାରି ଆଡ଼େ ଅଛି ଘେରି ଘେରି ।
ଧନୁ ଓ ମକର ଧରି ଧରି
ଦୁଃଖ ମନୁ ଦୂର କରି କରି
ପୁଷ କହେ ଶୀତ ସାଥେ ମୁଁ ଆସିଛି
ପ୍ରକୃତି ଚକ୍ରରେ ଘୁରି ଘୁରି ।
ହାଡ଼ଭଙ୍ଗା ଶୀତେ ଡରି ଡରି
ବସ ନାହିଁ ମନ ମାରି ମାରି
ମୁଁ ପରା ତୁମର ମିତ ବୋଲି ମନୁ
ଦିଅନା ତୁମେ ପାଶୋର କରି ।


+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# ଅନନ୍ୟାଙ୍କ ସହ ନାଚିବାକୁ ଡରୁଥିଲେ ବିଜୟ



ଦକ୍ଷିଣୀ ସିନେମାର ସୁପରଷ୍ଟାର ବିଜୟ ଦେବରାକୋଣ୍ଡା ବହୁ ବ୍ଲକ୍‌ବଷ୍ଟର ହିଟ୍ ଦେଇଛନ୍ତି। ଆକ୍ସନ୍ ଷ୍ଟାର ଭାବେ ଜଣାଶୁଣା ଦେବରାକୋଣ୍ଡାଙ୍କୁ ପରଦାରେ ଖୁବ୍ କମ୍ ନାଚଗୀତରେ ଦେଖାଯାଏ। ତେବେ ୨୦୨୨ରେ ରିଲିଜ୍ ହୋଇଥିବା ହିନ୍ଦୀ ଛବି ‘ଲାଇଗର’ରେ ବିଜୟଙ୍କୁ ନାଚିବାକୁ ପଡ଼ିଥିଲା। ଆଉ ଏହି ଚଳଚ୍ଚିତ୍ରରେ ତାଙ୍କର ନାୟିକା ଥିବା ଅନନ୍ୟା ପାଣ୍ଡେଙ୍କ ସହ ରୋମାଣ୍ଟିକ୍ ଟ୍ରାକ୍ ‘ଆଫତ୍...’ରେ ଷ୍ଟେପ୍‌ସ୍ ଦେବାକୁ ସେ ଡରି ଯାଇଥିଲେ। ଏହି ଗୀତର ସୁଟିଂ ସମୟର କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବ। କାରଣ ସାଉଥ୍ ସିନେମାର ଅଧିକାଂଶ ନାୟକ ନାଚରେ ପାରଙ୍ଗମ ହୋଇଥିବା ବେଳେ ଦେବରାକୋଣ୍ଡା ନାଚକୁ ଭୟ କରୁଥିଲେ। ‘ଲାଇଗର’ର ଗୀତ ସୁଟିଂ ପୂର୍ବରୁ କୋରିଓଗ୍ରାଫ୍‌ର ପୀୟୁଷ ଭଗତ ଓ ସାଜିଆ ସାମ୍‌ଜୀ ଯେତେବେଳେ ବିଜୟଙ୍କୁ ଷ୍ଟେପ୍‌ସ୍ ଶିଖାଇଲେ, ଦେବରାକୋଣ୍ଡା ଭୟ ପାଇଗଲେ। ପୁଣି ନାୟିକା ଅନନ୍ୟା ପାଣ୍ଡେଙ୍କ ସହ ସେ ସହଜ ହୋଇ ପାରୁ ନଥିଲେ। କୋରିଓଗ୍ରାଫରଙ୍କୁ ସେ କହିଥିଲେ,‘‘ଭାଇ ତମେମାନେ ମିଶି ମତେ ମାରିଦବ କି? ଇଏ କ’ଣ କରାଉଛ? ଇଏ କ’ଣ ମୋ ଦ୍ୱାରା ହେବ’’ ରିହର୍ସାଲ୍ ସମୟରେ ନର୍ଭସ୍ ହେଉଥିଲେ ବି ଜୋରଦାର ପ୍ରାକ୍ଟିସ୍ କରିଥିଲେ ସେ। ଶେଷରେ ବହୁତ ଅଭ୍ୟାସ କରି ଷ୍ଟେପ୍‌ସ୍‌ଗୁଡ଼ିକୁ ନିଜ ଅକ୍ତିଆରକୁ ନେଇଆସିଥିଲେ। କୋରିଓଗ୍ରାଫର ଦ୍ୱୟ ଭାବିଥିଲେ ସୁଟିଂ ବେଳେ ଦେବରାକୋଣ୍ଡା ଝୁଣ୍ଟିବେ। କିନ୍ତୁ ସେ ବଢ଼ିଆ ଷ୍ଟେପ୍‌ସ୍ ଦେଇ ଅନନ୍ୟାଙ୍କୁ ପୂରା ଟକ୍କର ଦେଇଥିଲେ। ୟୁଟ୍ୟୁବ୍‌ରେ ମିଲିୟନ୍ ମିଲିୟନ୍ ଭିୟୁ ଯାଇଥିବା ସେ ଗୀତରେଅନନ୍ୟା ପାଣ୍ଡେଙ୍କ ସହ ତାଙ୍କର କେମିଷ୍ଟ୍ରି ବି ମନମୋହୁଛି।

# “୧୧ ବର୍ଷରେ ଘର ଛାଡ଼ିଥିଲି”, ପିତାମାତାଙ୍କ ସହ ତିକ୍ତ ସମ୍ପର୍କ ବିଷୟରେ ମୁହଁ ଖୋଲିଲେ ଦିଲଜିତ୍ ଦୋସାଞ୍ଜ



ପ୍ରସିଦ୍ଧ ଗାୟକ ତଥା ଅଭିନେତା ଦିଲଜିତ୍ ଦୋସାଞ୍ଜ ନିକଟରେ ତାଙ୍କ ପିତାମାତାଙ୍କ ସହ ଥିବା ତାଙ୍କର ଦୂରତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ମାତ୍ର ୧୧ ବର୍ଷ ବୟସ ହୋଇଥିବାବେଳେ ପିତାମାତା ତାଙ୍କୁ ନ ପଚାରି ଲୁଧିଆନାରେ ତାଙ୍କ ମାମୁଁଙ୍କ ପାଖକୁ ପଠାଇ ଦେଇଥିଲେ। ଦିଲଜିତ୍ ଏକ ସାକ୍ଷାତକାରରେ କହିଛନ୍ତି, ପିଲାଦିନେ “ଖାଦ୍ୟ, ଆଶ୍ରୟ ଏବଂ ପାଠପଢ଼ା” ଭଳି ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ତାଙ୍କୁ ଗାଁ ଛାଡ଼ି ସହରକୁ ଯିବାକୁ ପଡ଼ିଥିଲା। ସେ କହିଛନ୍ତି, “ମୋ ମାମୁଁ ମୋତେ ସହରକୁ ନେଇଯିବା ପାଇଁ କହିଲେ ଏବଂ ମୋ ବାପାମା’ ସାଙ୍ଗେ ସାଙ୍ଗେ ହଁ କରିଦେଲେ। ସେମାନେ ମୋତେ ଥରୁଟିଏ ବି ପଚାରି ନଥିଲେ।” ସେଠାରେ ସେ ଏକ ଛୋଟ ରୁମରେ ଏକୁଟିଆ ରହୁଥିଲେ ଏବଂ ତାଙ୍କ ପାଖରେ ଟିଭି କିମ୍ବା ମୋବାଇଲ୍ ଫୋନ୍ ନଥିଲା। ଘରକୁ ଫୋନ୍ କରିବାରେ ଖର୍ଚ୍ଚ ହେଉଥିବାରୁ ଧୀରେ ଧୀରେ ସେ ପରିବାରଠାରୁ ଦୂରେଇ ଯାଇଥିଲେ। ଦିଲଜିତ୍ ସ୍ୱୀକାର କରିଛନ୍ତି ଯେ ସେ ତାଙ୍କ ମା’ଙ୍କୁ ବହୁତ ସମ୍ମାନ କରନ୍ତି ଏବଂ ତାଙ୍କ ବାପା ଜଣେ ଭଲ ଲୋକ। ତେବେ ଏହି ଘଟଣା ଯୋଗୁଁ ତାଙ୍କର କେବଳ ପିତାମାତାଙ୍କ ସହ ନୁହେଁ, ସମସ୍ତଙ୍କ ସହିତ ସମ୍ପର୍କରେ ତିକ୍ତତା ଆସିଯାଇଥିଲା। ସୂଚନାଯୋଗ୍ୟ ଯେ, ୧୯୮୪ରେ ଦୋସାଞ୍ଜ କାଲାଁ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଦିଲ୍ଜିତ୍ ଦୋସାଞ୍ଜ ଗତ ବର୍ଷ କୋଚେଲା ମ୍ୟୁଜିକ୍ ଫେଷ୍ଟିଭାଲରେ ତାଙ୍କର ଜବରଦସ୍ତ ପ୍ରଦର୍ଶନ ପରେ ବିଶ୍ୱସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି।

# ୧୦ ବର୍ଷ ପରେ ରୋମାନ୍ସ କରିବେ ଦୀପିକା-ରଣବୀର

ଦୀପିକା ପାଦୁକୋନ ଏବଂ ରଣବୀର କପୁର ବଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଅନସ୍କ୍ରିନ୍ ଯୋଡ଼ି ମଧ୍ୟରୁ ଅନ୍ୟତମ। ଯଦିଓ ସେମାନେ ୧୦ ବର୍ଷରୁ ଅଧିକ ସମୟ ଧରି ଏକାଠି କାମ କରିନାହାନ୍ତି, କିନ୍ତୁ ଏବେ ସେମାନେ ଏକାଠି ହେବାକୁ ପ୍ରସ୍ତୁତ। କିଛି ସମୟ ପୂର୍ବରୁ ରଣବୀର ଏବଂ ଦୀପିକାଙ୍କୁ ବିମାନବନ୍ଦରରେ ଏକାଠି ଦେଖିବାକୁ ମିଳିଛି। ଏବେ ପ୍ରଶଂସକମାନଙ୍କୁ ଖୁସି କରିବା ପାଇଁ, ଆୟାନ ମୁଖାର୍ଜୀ, ଦୀପିକା-ରଣବୀରଙ୍କୁ ନେଇ ଏକ ସିନେମା ନିର୍ମାଣ କରିବାର ଯୋଜନା ଘୋଷଣା କରିଛନ୍ତି। ଏହି ଦୁଇଜଣ ରାଜ କପୁର ଏବଂ ନର୍ଗିସଙ୍କ ଲୋକପ୍ରିୟ ଚଳଚ୍ଚିତ୍ର ‘ଚୋରି ଚୋରି’ ଦ୍ୱାରା ଅନୁପ୍ରାଣିତ ଏକ ରୋମାଣ୍ଟିକ ଚଳଚ୍ଚିତ୍ରରେ ଅଭିନୟ କରିବେ। ନିର୍ଦ୍ଦେଶକ ଆୟାନ ମୁଖାର୍ଜୀ ବର୍ତ୍ତମାନ ୧୯୫୬ରେ ଆସିଥିବା ଚଳଚ୍ଚିତ୍ର ‘ଚୋରି ଚୋରି’ ଦ୍ୱାରା ଅନୁପ୍ରାଣିତ ଦୀପିକା ଏବଂ ରଣବୀରଙ୍କୁ ନେଇ ସହିତ ତାଙ୍କର ପରବର୍ତ୍ତୀ ରୋମାଣ୍ଟିକ ସିନ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। କାହାଣୀରେ ଆଧୁନିକତା ଅଛି କିନ୍ତୁ ଏହି ଚଳଚ୍ଚିତ୍ରର ଆଇଡିଆ ରାଜ କପୁର ଏବଂ ନର୍ଗିସଙ୍କ କାହାଣୀ ଉପରେ ଆଧାରିତ। ଯେଉଁଥିପାଇଁ ୧୦ ବର୍ଷ ପରେ ଏହି ଚଳଚ୍ଚିତ୍ରରେ ଏକାଠି ହେବେ ରଣବୀର-ଦୀପିକା। ଯାହାଙ୍କୁ ପରଦାରେ ଦେଖିବା ପାଇଁ ପ୍ରଶଂସକମାନେ ଚାହିଁ ରହିଛନ୍ତି। ତଥାପି ଚଳଚ୍ଚିତ୍ର ସମ୍ପର୍କରେ ଏପର୍ଯ୍ୟନ୍ତ ଅଫିସିଆଲି କୌଣସି ଘୋଷଣା କରାଯାଇନାହିଁ। ଏବେ ରଣବୀର ଦୁଇଟି ପ୍ରମୁଖ ଫିଲ୍ମରେ କାମ କରୁଛନ୍ତି, ଯାହା ଆସନ୍ତା ବର୍ଷ ମୁକ୍ତିଲାଭ କରିବାର ଯୋଜନା ରହିଛି।

# ଆଇଏଫଏଫଆଇ-୨୦୨୫ରେ ଶ୍ରେଷ୍ଠ ଫିଚର ଫିଲ୍ମ ରୂପେ ଗୋଲଡ୍ଡେନ୍ ପିକକ୍ ପୁରସ୍କାର ପାଇଲା ‘‘ସ୍କିନ୍ ଅଫ୍ ୟୁଥ୍’’




ଭିଏତନାମ ଚଳଚ୍ଚିତ୍ର ‘ସ୍କିନ୍ ଅଫ୍ ୟୁଥ୍’ ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ଚଳିତ ବର୍ଷ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ)ରେ ଗୋଲଡ୍ଡେନ୍ ପିକକ୍ ପୁରସ୍କାର ହାସଲ କରିଛି। ଗୋଆର ଶ୍ୟାମାପ୍ରସାଦ ମୁଖାର୍ଜୀ ଇଣ୍ଡୋର ଷ୍ଟାଡିୟମରେ ଚିତ୍ତାକର୍ଷକ ଉଦଯାପନୀ ସମାରୋହରେ ଏହି ଚଳଚ୍ଚିତ୍ରର ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ପୁରସ୍କାର ବିତରଣ କରାଯାଇଛି। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଡକ୍ଟର ଏଲ ମୁରୁଗନଙ୍କ ଉପସ୍ଥିତିରେ ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦୀ ସାୱନ୍ତ ଏହି ପୁରସ୍କାର ପ୍ରଦାନ କରିଥିଲେ। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଆଶ୍ଲେ ମେଫେୟାର ଏବଂ ପ୍ରଯୋଜକମାନେ ଗୋଲଡ୍ଡେନ୍ ପିକକ୍ (ସ୍ୱର୍ଣ୍ଣ ମୟୂର) ଟ୍ରଫି ସହିତ ଗୋଟିଏ ପ୍ରମାଣପତ୍ର ଏବଂ ୪୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଗ୍ରହଣ କରିଥିଲେ। ୧୯୯୦ ଦଶକର ସାଇଗନ୍ ଉପରେ ଆଧାରିତ ଏହି ଚଳଚ୍ଚିତ୍ରଟି ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାରର ସ୍ୱପ୍ନ ଦେଖୁଥିବା ଜଣେ କିନ୍ନର ଯୌନ କର୍ମୀ ସାନ୍ ଏବଂ ନିଜ ପୁଅକୁ ସମର୍ଥନ କରିବା ପାଇଁ ଲଢୁଥିବା ଜଣେ ଅଣ୍ଡରଗ୍ରାଉଣ୍ଡ କେଜ୍ ଫାଇଟର ନାମ୍‌ଙ୍କ ମଧ୍ୟରେ ନିବିଡ଼ ପ୍ରେମ ସମ୍ପର୍କ ଉପରେ ଆଧାରିତ। ସାନ୍ ଜଣେ ମହିଳା ଭାବରେ ବଞ୍ଚିବାକୁ ସ୍ଥିର କରିଛନ୍ତି, ଯେତେବେଳେ ନାମ୍ ତାଙ୍କ ଅସ୍ତ୍ରୋପଚାର ପାଇଁ ଟଙ୍କା ରୋଜଗାର କରିବା ପାଇଁ ନିଷ୍ଠୁର ଲଢ଼େଇ କରନ୍ତି। ହିଂସାତ୍ମକ ଅଣ୍ଡରଗ୍ରାଉଣ୍ଡ୍ ଦୁନିଆ, ସାମାଜିକ ଅପବାଦ ଏବଂ ନକାରାତ୍ମକ ଶକ୍ତିର ସମ୍ମୁଖୀନ ହେବା ସମୟରେ ସେମାନଙ୍କ ପ୍ରେମ କଠୋର ଆହ୍ୱାନର ସାମ୍ନା କରିଥାଏ ଯାହା ସେମାନଙ୍କ ସମ୍ପର୍କକୁ ମୂଲ୍ୟ ଦେବ। ଚଳଚ୍ଚିତ୍ର ଉପରେ ମତବ୍ୟକ୍ତ କରି ବିଚାରକ ମଣ୍ଡଳୀ କୁହନ୍ତି, କାହାଣୀ ଆରମ୍ଭରୁ ଚମତ୍କାର ଓ ପ୍ରେରଣାଦାୟୀ ସିନେମାଟୋଗ୍ରାଫୀ, ସାହସିକ ପ୍ରଡକ୍ସନ ଡିଜାଇନ୍ ଏବଂ ପ୍ରଭାବଶାଳୀ ଅଭିନୟ ଏହି ଚଳଚ୍ଚିତ୍ରକୁ ଅତ୍ୟନ୍ତ ରୁଚିକର କରିପାରିଛି। ଭାବପ୍ରବଣତା ପୂର୍ଣ୍ଣ ସଙ୍ଗୀତ, କୁଶଳୀ ସମ୍ପାଦନା ଏବଂ ନିଖୁଣ ପ୍ରସ୍ତୁତି ଏହି ଚଳଚ୍ଚିତ୍ରର ବିଶେଷତ୍ୱ। ପୂର୍ବରୁ ଏଭଳି ଚଳଚ୍ଚିତ୍ର ଖୁବ୍ କମ୍ ଦେଖିବାକୁ ମିଳିଛି। ଏଥିରେ ଦୁନିଆରେ ଥିବା ପ୍ରେମ ଓ ତ୍ୟାଗର ନଜିର ଦେଖିବାକୁ ମିଳିଛି। ଚଳିତ ବର୍ଷ, ବିଶ୍ୱ ସିନେମାର ଏକ ଜୀବନ୍ତ ଦୃଶ୍ୟକୁ ପ୍ରତିନିଧିତ୍ୱ କରୁଥିବା ପନ୍ଦରଟି କାଳ୍ପନିକ ଫିଚର ଫିଲ୍ମ ସମ୍ମାନଜନକ ଗୋଲଡ୍ଡେନ ପିକକ୍ ପୁରସ୍କାର ପାଇଁ ପ୍ରତିଯୋଗିତାରେ ସାମିଲ ଥିଲେ।




ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ବିବାହକୁ ନେଇ ଜୋର ଧରିଛି ଚର୍ଚ୍ଚା। ୨୦୨୬ରେ ସେ ବିଜୟ ଦେବରକୋଣ୍ଡାଙ୍କ ହାତ ଧରିବେ ବୋଲି ଇଣ୍ଡଷ୍ଟ୍ରିରେ ଫୁସୁରୁଫାସର ଚାଲିଛି। ନିକଟରେ ରଶ୍ମିକା ବିବାହକୁ ନେଇ ମୁହଁ ଖୋଲିଛନ୍ତି। ଯଦିଓ ସେ ଚାଲିଥିବା ବିବାହ ଗୁଜବକୁ ଅସ୍ୱୀକାର କରିନାହାନ୍ତି। କିନ୍ତୁ ସମୟ ଆସିଲେ ଆମେ ସବୁକିଛି କହିବୁ ବୋଲି ହସି ହସି କହିଛନ୍ତି। ରଶ୍ମିକା ଏବଂ ବିଜୟ ଉଭୟ ଉଦୟପୁରରେ ବିବାହ ପାଇଁ ପ୍ରସ୍ତୁତି କରୁଛନ୍ତି। ଉଭୟ ଚଳିତ ବର୍ଷ ଅକ୍ଟୋବରରେ ହାଇଦ୍ରାବାଦରେ ଏକ ବ୍ୟକ୍ତିଗତ ଉତ୍ସବରେ ନିର୍ବନ୍ଧ କରିଥିଲେ। ଯଦିଓ ଏହି ଯୋଡ଼ି କୌଣସି ଘୋଷଣା କିମ୍ବା ଫଟୋ ଶେୟାର କରି ନ ଥିଲେ, ବିଜୟଙ୍କ ଟିମ୍ ନିର୍ବନ୍ଧ ହୋଇଥିବାର ନିଶ୍ଚିତ କରିଥିଲେ।

ଗୀତା ଗୋବିନ୍ଦମ (୨୦୧୮) ଏବଂ ଡିଅର କମ୍ରେଡ (୨୦୧୯) ରେ ଏକାଠି କାମ କରିବା ପରଠାରୁ ଉଭୟଙ୍କ ଡେଟିଂର ଗୁଜବ ଉଠିଛି। ବିଜୟ ଏବଂ ରଶ୍ମିକାଙ୍କୁ ପ୍ରାୟତଃ ଏକାଠି ସମୟ ବିତାଉଥିବା ଦେଖାଯାଇଛି। ଅଗଷ୍ଟରେ ସେ ନ୍ୟୁୟର୍କରେ ୪୩ତମ ଇଣ୍ଡିଆ ଡେ’ ପରେଡର ନେତୃତ୍ୱ ନେଇଥିଲେ। ସେ ଇଣ୍ଡିଆ ବିୟଣ୍ଡ ବର୍ଡର୍ସ ନାମକ ଏକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇଥିଲେ।

ଆମିର ଖାନଙ୍କୁ ଭେଟିଲେ ମନୋଜ ମିଶ୍ର । କଥା ଦେଇ କଥା ରଖିଲେ ବଲିଉଡର ସୁପରଷ୍ଟାର ଆମିର ଖାନ୍ । ଅଭିନେତା ମନୋଜ ମିଶ୍ରଙ୍କୁ ଗୋଆ ଫିଲ୍ମ ଫେଷ୍ଟିଭାଲରେ ଆମିର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ସିଏ ପୂରଣ କରିଛନ୍ତି ଆଉ ମନୋଜଙ୍କୁ ଡାକି ତାଙ୍କୁ ଭେଟିଛନ୍ତି ଏବଂ ଓଡିଆ ସିନେମାର ଉନ୍ନତି ଦିଗରେ ଆଲୋଚନା କରିଛନ୍ତି । ତେବେ ଭେଟଘାଟ ପାଇଁ ଦିନ ଗୋଟାଏରେ ସମୟ ସ୍ଥିର ହୋଇଥିବା ବେଳେ ପ୍ରାୟ ୧ ଘଣ୍ଟା ୪୫ ମିନିଟ୍ କାଳ ଆମିର-ମନୋଜ ଆଲୋଚନା କରିଥିଲେ । ଓଡିଆ ସିନେମା ଏବଂ ହଲ ପ୍ରସଙ୍ଗରେ ଆଲୋଚନା କରିବା ସହ ତାଙ୍କ ମୂଲ୍ୟବାନ ସମୟ ଦେଇଥିବାରୁ ଆମିରଙ୍କୁ ଧନ୍ୟବାଦ ଜଣାଇଥିଲେ ମନୋଜ ମିଶ୍ର ଏବଂ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ମନୋଜ ଲେଖିଛନ୍ତି- ମତେ କିଏ କଣ ବୁଝିଛି ମୁଁ ଜାଣିନି କିନ୍ତୁ ଆଜି ଆମିର ଖାନଙ୍କ ସହ ଦେଢ଼ ଘଣ୍ଟା ଆଲୋଚନା ଭିତରେ ମୁଁ ବୁଝିଗଲି ଯେ ଓଡ଼ିଶାରେ ତିଆରି ସିନେମାକୁ ନେଇ ମୋ ମୁଣ୍ଡରେ କଣ ଅଛି ସେ କଥା ଆମୀର ଖାନ୍ ଭଲ ଭାବରେ ବୁଝିଗଲେ, ଦଶ ମିନିଟ୍ ସମୟ ଦେଇଥିଲେ କିନ୍ତୁ ଦେଢ଼ ଘଣ୍ଟା ଆମର ଆଲୋଚନା ହେଲା। ଏତେ ବଡ଼ ଷ୍ଟାର ହେଲେ ବି କଳା ପ୍ରତି ତାଙ୍କର ଭଲ ପାଇବା ଅଛି ବୋଲି ସେ ମୋ କଥା ବୁଝି ପାରିଲେ, ଏଇତ ଆରମ୍ଭ। ମନୋଜ କହିଛନ୍ତି- ମୁଁ ତାଙ୍କୁ ମାଇଣ୍ଡ ଗେମର ଟିଜର ଦେଖାଇଲି । ସେ ମୋ କାମକୁ ନେଇ ଖୁସି ହେଲେ । ସାଢେ ୧୧ଟା ବେଳେ ମେସେଜ ଦେଇଥିଲେ ୧ଟାରେ ଦେଖାହେବା ବୋଲି । ଆମେ ଭେଟ ହେଲୁ



# ମନୋଜଙ୍କୁ ଡାକି ଭେଟିଲେ ଅମୀର

କଥା ହେଲୁ । ସିନେମା ହଲ୍ ସମସ୍ୟା ସାରା ଭାରତର ସମସ୍ୟା । ଗାଁଗାଁରେ ସିନେମା ପହଞ୍ଚାଇବାର ମୋର ପ୍ରୟାସକୁ ସେ ପ୍ରଶଂସା କଲେ । ଭଲ ସିନେମା ହେଲେ ସିଏ ପ୍ରମୋଟ କରିବେ ବୋଲି କହିଲେ । ସିନେମାର ଉନ୍ନତି କେମିତି ହେଉ ସେଇଟା ଆମିର ଚାହାନ୍ତି । ଗୋଆ ଫିଲ୍ମ ଫେଷ୍ଟିଭାଲରେ ସିନେମାକୁ ନେଇ ଚର୍ଚ୍ଚା ଆଲୋଚନା ହେଉଥିବା ବେଳେ ଓଡ଼ିଆ ସିନେମା ଓ ତାର ବିକାଶ ନେଇ ଆମିର ଖାନଙ୍କ ସହ ଆଲୋଚନା କରିଥିଲେ ଅଭିନେତା ମନୋଜ ମିଶ୍ର । ଓଡ଼ିଶାରେ ଫିଲ୍ମ ତ ତିଆରି ହେବ କିନ୍ତୁ ବାହାରେ ବିକ୍ରି କେମିତି ହେବ ? ସିନେମାକୁ ହଲ୍ କେମିତି ମିଳିବ ? ସିନେମା ନିର୍ମାଣର ଖର୍ଚ୍ଚ କେମିତି ଆଦାୟ ହେବ ? ଏମିତି ଅନେକ ପ୍ରସଙ୍ଗରେ ଆମିର ଖାନଙ୍କ ସହ କଥା ହୋଇଥିଲେ ମନୋଜ । ମଞ୍ଚ ଉପରେ ଆମିର ବସିଥାନ୍ତି ଆଉ ମନୋଜଙ୍କ ମୁହଁରୁ ବାହାରୁଥିବା ଓଡିଆ ସିନେମାକୁ ନେଇ ଗୋଟେ ପରେ ଗୋଟେ ପ୍ରଶ୍ନ ସେ ଶୁଣୁଥାନ୍ତି ।ତେବେ ମଞ୍ଚରେ ଥିବା ଷ୍ଟାର୍ ଆମିରଙ୍କୁ ମନୋଜ ନିଜ ମନକଥା କହିବାକୁ ଯାଇ ନିଜ ଫିଲ୍ମ ‘ମାଇଣ୍ଡ ଗେମ’ ପ୍ରସଙ୍ଗ ଉଠାଇଥିଲେ । ଯେଉଁଠି ସେ ଓଡିଶାରେ ହଲ ନଥିବା କାରଣରୁ ଲୋକଙ୍କ ପାଖରେ ସିନେମା ପହଞ୍ଚାଇବାକୁ କେମିତି ଗାଁ ଗାଁ ବୁଲୁଛନ୍ତି ତାହା ସେ ବର୍ଣ୍ଣନା କରିଥିଲେ ଏବଂ ଆମିର ଏଥା ଶୁଣି ଖୁବ୍ ପ୍ରଶଂସା କରିଥିଲେ । ସ୍ୱାଧିନ ସିନେମା ନିର୍ମାତାଟେ କେମିତି ନିଜ ଟଙ୍କା ସିନେମା କରି ଫେରି ପାଇବ? ଓଡିଶାର ସିନେମା କେମିତି ଓଡିଶା ବାହାରକୁ ଆସିବ ? ବୋଲି ପ୍ରଶ୍ନ କରିବା ପରେ ଫର୍ମୁଲା ଦେଇଥିଲେ ଆମିର ଖାନ୍ । ତେବେ ଆମିରଙ୍କ ସହ ଆଲୋଚନା ପରେ ମନୋଜ ମିଶ୍ର ତାଙ୍କୁ ଭେଟି ଓଡିଶା ସିନେମାର ଭାଗ୍ୟ ବଦଳାଇବାକୁ କଣ କରିହେବ ? ସେନେଇ ଅଧିକ ଆଲୋଚନା କରିବାକୁ ଆମିରଙ୍କୁ ସମୟ ମାଗିଥିଲେ । ଆଉ ଆମିର ସୋ ସରିବା ପରେ କଥା ହେବାକୁ ମଞ୍ଚରୁ ଘୋଷଣା କରିଥିବା ବେଳେ ମନୋଜ ସୋସିଆଲ ମିଡିଆରେ ବହୁତ୍ ଜଲଦି ତାଙ୍କ ସହ ମୁମ୍ବାଇରେ ମୋର ଦେଖା ହେବ ବୋଲି ସୂଚନା ଦେଇଥିଲେ । ଆଉ ଆଜି ଆମିରଙ୍କୁ ମୁମ୍ବାଇରେ ଭେଟିଛନ୍ତି ମନୋଜ ମିଶ୍ର ।

# ସାହିତ୍ୟ ଓ କଳା ସଂସ୍କୃତିକୁ ଭଲ ପାଉଥିବା ମଣିଷ ନିରଞ୍ଜନ ଦଳାଇ

ଓଡ଼ିଶାର କଳା ସାହିତ୍ୟ ଓ ସଂସ୍କୃତିକୁ ଭଲ ପାଉଥିବା ଜଣେ ପ୍ରିୟ ମଣିଷ ହେଉଛନ୍ତି ନିରଞ୍ଜନ ଦଳାଇ। ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ ଅନ୍ତର୍ଗତ ଆରୁହାବାଡ ଠାରେ ଶ୍ରୀ ଦଳାଇ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ହେଉଛନ୍ତି ନାଗେନ୍ଦ୍ର ଦଳାଇ ଓ ମାତା ମୃଷାରାଣୀ ଦଳାଇ। ପତ୍ନୀ ଅମରାବତୀ ଦଳାଇ, ଦୁଇ ଝିଅ ରୋଜି ଓ ଡେଜିଙ୍କୁ ନେଇ ଦୁଃଖ ସୁଖର ସଂସାର ଆଗେଇ ଚାଲିଛି। ବର୍ତ୍ତମାନ ଶ୍ରୀ ନିରଞ୍ଜନ ଦଳାଇ ଜବାହର ନବୋଦୟ ବିଦ୍ୟାଳୟ,ଚାନ୍ଦିମାଳ ଭଦ୍ରକ ରେ ଅଧକ୍ଷ ଅଛନ୍ତି। ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ତାଙ୍କର ଗଭୀର ରୁଚି ରହିଛି। ଶ୍ରୀ ଦଳାଇ ମହାପୁରୁଷଙ୍କ ଜୀବନୀ ପଢ଼ିବା ସହିତ ସାଧାରଣ ଜ୍ଞାନ, ବିଭିନ୍ନ ଖବର କାଗଜ, ବିଜ୍ଞାନ ମାଗାଜିନ୍ ଓ ସାହିତ୍ୟ ପତ୍ରିକା ପଢ଼ିଥନ୍ତି। ଏହା ବ୍ୟତୀତ ସେ ଦେଶ ଦୁନିଆଁ ର ବିଭିନ୍ନ ଖବର ପଢନ୍ତି ଓ ସଂଗ୍ରହ କରି ରଖନ୍ତି। ପରିବେଶର ସୁରକ୍ଷା ପାଇଁ ସେ ବୃକ୍ଷ ରୋପଣ ମଧ୍ୟ କରିଥାନ୍ତି। ଫୁଟବଲ, ଭଲିବଲ ମଧ୍ୟ ଖେଳନ୍ତି। ସେ ଉଦୟ ନାରାୟଣ ହାଇସ୍କୁଲରେ ପଢୁଥିବା ସମୟରେ ଡ୍ରାମାରେ ଅଭିନୟ କରିଥିଲେ। ସାହିତ୍ୟ କ୍ଷେତ୍ରରେ ଶ୍ରୀ ଦଳାଇଙ୍କ ପ୍ରିୟ ଲେଖକ ହେଉଛନ୍ତି ବ୍ୟାସ କବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଉତ୍କଳମଣି ଗୋପବନ୍ଧୁ ଦାସ, ମନୋଜ ଦାସ, ପ୍ରତିଭା ରାୟ, ବିଭୂତି ପଟ୍ଟନାୟକ । ଶ୍ରୀ ଦଳାଇ ବର୍ତ୍ତମାନର ଶିକ୍ଷା ସମ୍ପର୍କରେ କୁହନ୍ତି ସରକାରଙ୍କ ଶିକ୍ଷା ନୀତି ଠିକ୍ ରହିଛି କିନ୍ତୁ ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମିର ଆବଶ୍ୟକତା ରହିଛି। ବର୍ତ୍ତମାନର ଛାତ୍ର ଛାତ୍ରୀ ମାନେ ସମୟ ନଷ୍ଟ ନକରି ଶାନ୍ତି ଶୃଙ୍ଖଳା ରକ୍ଷା କରି ପରିଶ୍ରମ, ନିଷ୍ଠା ଓ ତ୍ୟାଗ ର ସହିତ ଆଗେଇଲେ ନିଶ୍ଚିତ ସଫଳତା ପାଇ ପାରିବେ। ସମସ୍ତ ଯୁବ ପିଢ଼ି ଦେଶର ଉନ୍ନତି ଓ ବିକାଶ ପାଇଁ ଚେଷ୍ଟା କରିବା ଉଚିତ। ଆମର ଭାଇ ଭଉଣୀ ମାନେ ସରଳ ଚିନ୍ତାଧାରାରେ ବାଟ ଚାଲିବା ସହିତ ଆମ ମାତୃଭାଷା ଓଡିଆ ଭାଷାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ଉଚିତ୍। ଈଶ୍ୱରଙ୍କ କୃପାରୁ ଶ୍ରୀ ଦଳାଇଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏତିକି କାମନା।




**ଉପସ୍ଥାପନା:**
ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ:୯୯୩୭୯୭୬୩୫୧

## ଧନୁପାଳି ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ ପାଳିତ

ସମ୍ବଲପୁର,୦୪/୧୨ (ନି.ପ୍ର): ଆଜି ଧନୁପାଳି ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି କ୍ଷ ଏହି ଉତ୍ସବରେ ଓଡିଶା ମୁକ୍ତ ବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଦୁଃଶାସନ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ସଂସ୍କୃତ ଅଧ୍ୟାପକ ନବ କିଶୋର ପଣ୍ଡା ମୁଖ୍ୟବକ୍ତା ଏବଂ ବିଦ୍ୟାଳୟର ସଭାପତି ଡ଼. ଦେବେନ୍ଦ୍ର ପଣ୍ଡା, ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଅମୃତ ପଟେଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଡ଼. ପଣ୍ଡା ଗୀତା ଦିବସର ମହତ୍ୱ ଓ ଦୈନନ୍ଦିନ ଜୀବନରେ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଶ୍ରୀ ବିଶ୍ୱାଳ ଗୀତା କର୍ମ ମୟ ଜୀବନର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଡ଼. ପଣ୍ଡା ଅବିଭାଷଣରେ ଗୀତା ହେଉଛି ହିନ୍ଦୁ ଶାସ୍ତ୍ରର ପରିଚୟ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା। ଶେଷରେ ବିଦ୍ୟାଳୟର ଗୁରୁମା ସୁସ୍ମିତା କର ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

## ଇ- ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଆଲୋଚନା ଚକ୍ର

ସମ୍ବଲପୁର,୦୪/୧୨ (ନି.ପ୍ର): ସ୍ଥାନୀୟ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ ଏବଂ ଏନର୍ଜି କ୍ଲବର କାର୍ଯ୍ୟକ୍ରମ ଅନ୍ତର୍ଗତ ଇ-ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଏକ ଆଲୋଚନା ଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୀର ସୁରେନ୍ଦ୍ରସାଏ ବୈଷୟିକ ଅନସ୍ଥାନ ବୁର୍ଲାର କମ୍ପ୍ୟୁଟର ବିଭାଗର ଆସୋସିଏଟ ପ୍ରଫେସର ଡ. ସତ୍ୟବ୍ରତ ଦାସ ଇ - ବର୍ଜ୍ୟବସ୍ତୁ କ'ଣ ଏବଂ ଏହାର ସଠିକ୍ ପରିଚାଳନା କିପରି କରାଯିବା ଆବଶ୍ୟକ ସେ ବିଷୟରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଚେତନ କରାଇଥିଲେ। ଏହି କ୍ଲବ ଆନୁକୁଲ୍ୟରେ ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପ୍ରଫେସର ଦାସ ପୁରସ୍କୃତ କରିଥିଲେ। ସଭାକୁ ଶିକ୍ଷକ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ।

## ଚୋରା ମଦ ଜବତ: ୬ କୋର୍ଟ ଚାଲାଣ

କେନ୍ଦ୍ରାପଡା ୩ ଡିସେମ୍ବର (ହି.ସ.) କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ପାଟକୁରା, ଡେରାବିଶ ଓ କେନ୍ଦ୍ରାପଡ଼ା ସଦର ଥାନ ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇମଙ୍ଗର।ଜପୁର ଗ୍ରାମର ଅଞ୍ଜନା ଦାସ ଙ୍କ ଠାରୁ ୨୮ ଲିଟର ବିଦେଶୀ ମଦ, ତ୍ୟକ୍ଷୀରୀ ଗ୍ରାମର ସୁବାଶ ଚନ୍ଦ୍ର ବେହେୟାରଙ୍କ ଠାରୁ ୬୯୧ ଲିଟର ଦେଶୀ ରନ୍ଧା ମଦ, ଗୋବର୍ଦ୍ଧନପୁର ଗ୍ରାମର ପ୍ରଶାନ୍ତ ରାଉତଙ୍କ ଠାରୁ ୩୮ ଲିଟର ଦେଶୀ ମଦ, କେଉଟ କଣ୍ଡିଆ ଗ୍ରାମର ଟାଇଟନ ସେଠୀଙ୍କ ଠାରୁ ୪୧ ଲିଟର ଦେଶୀ ରନ୍ଧା ମଦ, ଛାଂଚୁଣିଆ ଗ୍ରାମର ଦୁଷ୍ମନ୍ତ କୁମାର ଜେନାଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଓ ବଡହାଟ ଗ୍ରାମର ମୁଣା ମହାରଣାଙ୍କ ଠାରୁ ୨୭ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି । ଏମାନଙ୍କ ପାଖରୁ ସମୁଦାୟ ୮୫୦ ଲିଟର ବିଦେଶୀ, ଦେଶୀଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୬ ଜଣଙ୍କୁକୋର୍ଟଚାଲାଣ କରାଯାଇଅଛି।

# ଆଇଆଇଏମ୍ ସମ୍ବଲପୁର ୨୦୪୭ ବିକଶିତ ଭାରତ ପାଇଁ "ବ୍ରାଣ୍ଡ ଇନ୍ ଇଣ୍ଡିଆ" ପରିକଳ୍ପନାକୁ ଅଗ୍ରସର

ସମ୍ବଲପୁର,୦୪/୧୨ (ନି.ପ୍ର): ଦେଶର ଅନ୍ୟତମ ଅଗ୍ରଣୀ ବି-ସ୍କୁଲ ଆଇଆଇଏମ୍ ସମ୍ବଲପୁର ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ସହ ମିଳିତ ସହଯୋଗରେ ବ୍ରାଣ୍ଡ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍ ର କର୍ଟେନ୍ ରେଜର୍ କାର୍ଯ୍ୟକ୍ରମର ଆୟୋଜନ କରିଛି । ଏହି ଅବସରରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ଜନସଂଚାର ସଂସ୍ଥାନ ଆଇଆଇଏମ୍‌ସି ଦିଲ୍ଲୀ ଓ ଢେଙ୍କାନାଳ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି ସହାଯାଗିତା ଅନ୍ତଃ ଶୃଙ୍ଖଳା ଶିକ୍ଷାର ପ୍ରସାର, ଦକ୍ଷତା ବିକାଶରେ ଉନ୍ନତି ଓ ଯୁଗ୍ମ ଶିକ୍ଷା-ଶିଳ୍ପ ଅଭିଯାନ ଜରିଆରେ ବ୍ରାଣ୍ଡ୍ ଇନ୍ ଇଣ୍ଡିଆ ଭିଜନକୁ ସଶକ୍ତ କରିବ। ବ୍ରାଣ୍ଡ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍‌ର କର୍ଟେନ୍ ରେର୍ଜ କାର୍ଯ୍ୟକ୍ରମରରେ ରିଟେଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ ର ଅଧକ୍ଷ ବିଜଉ କୁରିଏନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରିଟେଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଡକ୍ଟର ଲରେନ୍ସ ଜର୍ଜ ଫର୍ଣ୍ଣାଡିସ୍, ଆଇଆଇଏମ୍‌ସିର ରେଜିଷ୍ଟ୍ରାର୍ ଓ ଏଡିଜି ମଧୁ ଏଲ୍ ନାଗ, ଆଇଆଇଏମ୍‌ସି ଢେଙ୍କାନାଳର ଆଂଚଳିକ ନିର୍ଦ୍ଦେଶକ ଆନନ୍ଦ ପ୍ରଧାନ ଓ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଉପସ୍ଥିତ ଥିଲେ।

ଏହି ସହଯୋଗିତା ଅଧୀନରେ ଅନୁଷ୍ଠାନଗୁଡ଼ିକ ମିଳିତ ଭାବେ ଗଣମାଧ୍ୟମ ବ୍ୟବସାୟ ପରିଚାଳନା, କର୍ପୋରେଟ୍ ଯୋଗାଯୋଗ, ବ୍ରାଣ୍ଡ ପରିଚାଳନା, ଡିଜିଟାଲ୍ ମାର୍କେଟିଂ, ସଙ୍କଟ ଯୋଗାଯୋଗ, ନିରନ୍ତର ଯୋଗାଯୋଗ, ବ୍ୟବସାୟ ସାମ୍ବାଦିକତା ଭଳି ବିଷୟ ଉପରେ ଶିକ୍ଷା କାର୍ଯ୍ୟକ୍ରମ, ପେସାଦାର ତାଲିମ, ଫାକଲ୍ଟି ଓ ଛାତ୍ରଛାତ୍ରୀ ବିନିମୟ ଓ ଗବେଷଣା ପ୍ରକଳ୍ପ ପ୍ରଦାନ କରିବେ। ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, "ଭାରତ କିଭଳି ଭାବୁଛି, ସୃଷ୍ଟି କରୁଛି ଓ ବିଶ୍ୱସ୍ତରୀୟ ମଂଚରେ ଅଗ୍ରଣୀ ରହିଛି ତାହାକୁ 'ବ୍ରାଣ୍ଡ୍ ଇନ୍ ଇଣ୍ଡିଆ' ଉପସ୍ଥାପନ କରୁଛି। ଆମେ 'ବ୍ରାଣ୍ଡ୍ ଇନ୍ ଇଣ୍ଡିଆ' ଗଠନ କରୁଥିବା ବେଳେ ତିନିଟି ସି-କଂଟେଂଟ (ବିଷୟବସ୍ତୁ), କମ୍ୟୁନିକେସନ (ଯୋଗାଯୋଗ) ଓ କନେକ୍ଟିଭିଟି (ସଂଯୋଗ)ର ରୂପାନ୍ତରିତ ଶକ୍ତି ଉପରେ ନିର୍ଭରଶୀଳ ରହିଛୁ। ଏହି ଦିଗରେ ଆଇଆଇଏମ ସମ୍ବଲପୁର ଏକ ଗର୍ବିତ ସଙ୍କେତ ଭାବେ ଠିଆ ହୋଇଛି। ନିକଟରେ ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ସହ ଏହି ଅନୁଷ୍ଠାନ ଦୁନିଆର ସବୁଠୁ ଅଭିନବ ବିଜନେସ୍ ସ୍କୁଲ୍ ଭାବେ ରାଂଙ୍କ ହାସଲ କରିଥିଲା। ଆଇଆଇଏମ୍‌ସି ସହ ସହଯୋଗିତା ଗବେଷଣା, ତାଲିମ ଓ ପେସାଦାର ଅଭିବୃଦ୍ଧି ପାଇଁ ଅର୍ଥପୂର୍ଣ୍ଣ ଉପାୟ ଖୋଲିବ ଯାହା ଦ୍ୱାରା ଛାତ୍ରଛାତ୍ରୀ, ଫାକଲ୍ଟି, ବ୍ୟାପକ ଗଣମାଧ୍ୟମ ଓ ପରିଚାଳନା ସମୁଦାୟ ଉପକୃତ ହେବେ।'' ମୁଖ୍ୟ ଅତିଥି ଆର୍ଏଆଇର ଅଧକ୍ଷ ବିଜଉ କୁରିଏନ୍ କହିଛନ୍ତି ଯେ, "ଭାରତ ଭଳି ଏକ ଜଟିଳ ଓ ବହୁ ସଂସ୍କୃତିର ଦେଶରେ ଆମେ ସ୍ୱାଭାବିକ ଭାବେ ବିବିଧ ଗ୍ରାହକ ବର୍ଗକୁ ଭଲ ଭାବେ ବୁଝିଛୁ। ପୂର୍ବାପେକ୍ଷା ଆଜିର ଦିନରେ ଭାରତ ସୁଯୋଗର ଏକ ଶକ୍ତିଶାଳୀ ମୁହୂର୍ତ୍ତରେ ଠିଆ ହୋଇଛି। ଆମେ କେବଳ ଆମ ବଜାର ପାଇଁ ବ୍ରାଣ୍ଡ୍ ଗଠନ କରୁନାହୁଁ, ବରଂ ଏଭଳି ବ୍ରାଣ୍ଡ୍ ଗଢୁଛୁ ଯାହା ସାରା ଦୁନିଆକୁ ଅନୁପ୍ରାଣିତ ଓ ପ୍ରଭାବିତ କରୁଛି।'' ଆଇଆଇଏମ୍‌ସିର ରେଜିଷ୍ଟ୍ରାର୍ ଓ ଏଡିଜି ମଧୁ ଏଲ୍ ନାଗ କହିଛନ୍ତି ଯେ, "ଆଇଆଇଏମ୍‌ସି ଦିଲ୍ଲୀ ଓ ଆଇଆଇଏମ୍ ସମ୍ବଲପୁର ସହ ଏହି ସହଯୋଗିତାକୁ ଆମେ ଆନୁଷ୍ଠାନିକ କରି ଉଲ୍ଲସିତ। ଏହି ଦୁଇ ଅନୁଷ୍ଠାନ ମଧ୍ୟରେ ଶିକ୍ଷାଗତ ଉତ୍କର୍ଷ, ଜ୍ଞାନ ଓ ଦକ୍ଷତା ଗଠନ ଦିଗରେ ଏହି ଏମ୍‌ଓୟୁ ଏକ ପଦକ୍ଷେପ। ଆଗାମୀ ଦିନରେ ଆମେ ଏକ ଅର୍ଥପୂର୍ଣ୍ଣ ଓ ଫଳାଫଳ କୈନ୍ଦ୍ରୀକ ସମ୍ପୃକ୍ତିକୁ ଚାହିରହିଛୁ।''

ଏହି ସହଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଦର୍ଶାଉଛି ଯେଉଁଠାରେ ମ୍ୟାନେଜମେଂଟ୍ ଶିକ୍ଷାର ଗଣମାଧ୍ୟମ ନବସୃଜନ ସହ ସମନ୍ୱୟ ରହିବ। ଉଭୟ ଅନୁଷ୍ଠାନ ଭବିଷ୍ୟତର ଲିଡରମାନଙ୍କୁ ପ୍ରଭାବଶାଳୀ ଯୋଗାଯୋଗ ରଣନୀତିକୁ ଆକାର ଦେଇ, ଦୂରଦୃଷ୍ଟି ନେତୃତ୍ୱ ଓ ଉଦ୍ୟମିତାକୁ ସୁଦୃଢ଼ କରି ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି ଯାହା ଭାରତକୁ ଏକ ନବସୃଜନ ଓ ଅଭିବୃଦ୍ଧି ହବ୍‌ରେ ପରିଣତ କରିବା ପ୍ରତି ଯୋଗଦାନ ଦେବ।

ଆଇଆଇଏମ୍ ସମ୍ବଲପୁରରେ ଆୟୋଜିତ 'ବ୍ରାଣ୍ଡ ଇନ୍ ଇଣ୍ଡିଆ' କର୍ଟେନ୍ ରେଜର୍ କାର୍ଯ୍ୟକ୍ରମ ଓଡ଼ିଶାର ଉଦିୟମାନ ବ୍ରାଣ୍ଡମାନେ କିପରି ସ୍ଥାନୀୟ ଉଦ୍ଭାବନ, ସାଂସ୍କୃତିକ ସତ୍ୟନିଷ୍ଠା ଏବଂ ଉଦ୍ଦେଶ୍ୟନିଷ୍ଠ ଉଦ୍ୟମିତ୍ୱକୁ ପ୍ରମୁଖ୍ୟତା ଦେଇ କିପରି ଭାରତର ପରିବର୍ତ୍ତନଶୀଳ ପରିଚୟକୁ ଗଢ଼ି ତୁଳୁଛନ୍ତି ସେଥିପାଇଁ ଆଲୋକପାତ କରିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ପାଣ୍ଠିରୁ ଦୁଇ ଗୋଟି ମକର ଘାଟ ନିମନ୍ତେ ଭୂମି ପୂଜନ

କେନ୍ଦୁଝର, ୩ ଡିସେମ୍ବର (ହି.ସ.) ଓଡିଆଙ୍କ ବାର ମାସରେ ୧୩ ପର୍ବ ସେଥି ମଧ୍ୟରୁ ମକର ପର୍ବ ଅନ୍ୟତମ। ଏହି ଦିନରେ ଭକ୍ତ ମାନେ ପବିତ୍ର ନଦୀରେ ବୁଡ଼ ପକାଇଥାନ୍ତି। ସେହିଭଳି କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପରିଷଦ ଅଧିନସ୍ଥ ୫ ନମ୍ବର ୱାର୍ଡ ଆଜାଦ ବସ୍ତି ତଥା ମନ୍ଦିର ସାହି ଠାରେ ଥିବା ସର୍ବପୁରାତନ ଶ୍ରୀ ଶ୍ରୀ ବାବା ଧବଳେଶ୍ୱର ମନ୍ଦିର ନିକଟରେ ବହିଯାଇଥିବା ସୁନା ନଦୀ ରେ ମଧ ଭକ୍ତ ମନେ ବୁଡ଼ ପକାଇଥାନ୍ତି। ଉକ୍ତ ଶୈବ ପୀଠ ରେ ମକର ପର୍ବ ସମୟରେ ଶହ ଶହ ଭକ୍ତମାନଙ୍କର ସମାଗମ ହୋଇଥାଏ ଏବଂ ପାଖରେ ଥିବା ସୁନା ନଦୀ କୂଳରେ ଶ୍ରଦ୍ଧାଳୁ ମାନେ ବୁଡ଼ ପକେଇ ମନ୍ଦିରରେ ଶିବ ଠାକୁରଙ୍କୁ ଦର୍ଶନ କରି ଆର୍ଶିର୍ବାଦ ପ୍ରାପ୍ତ କରିଥାନ୍ତି। ତେବେ ସୁନା ନଦୀ କୂଳରେ ମାଟି ଅବକ୍ଷୟ ହେବା ଫଳରେ ଉକ୍ତ ସ୍ଥାନ ରେ ଭକ୍ତମାନେ ଆଉ ବୁଡ଼ ପକେଇ ପାରୁ ନଥିଲେ। ତେଣୁ ବିଶ୍ୱ ହିନ୍ଦୁ ପରିଷଦ ଯୋଡ଼ା ନଗର ର ସଭାପତି ଶ୍ରୀ ରଞ୍ଜିତ ମହାକୁଡ଼ ଏହି ନଦୀ କୂଳରେ ଗୋଟିଏ ମକର ଘାଟ ଏବଂ ମୁସଲିମ ମାର୍କେଟ ନିକଟରେ ଆଉଗୋଟିଏ ଘାଟ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଦରଖାସ୍ତ ପ୍ରଦାନ ଥିଲେ। ପରିଣାମ ସ୍ୱରୂପ ମୁଖ୍ୟମନ୍ତ୍ରୀ ଭକ୍ତ ମାନଙ୍କ କଥା ରଖି ଦୁଇଗୋଟି ଘାଟ ନିର୍ମାଣ ନିମନ୍ତେ ୬୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ତାଙ୍କର ନିଜସ୍ୱ ଅନୁଦାନ ପାଣ୍ଠିରୁ ମଞ୍ଜୁର କରିଛନ୍ତି। ଯାହାକି ଗତକାଲି ସୋମବାର ତାହାର ଭୂମିପୂଜନ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲ୍ଲା ପ୍ରତିନିଧି ଗଣେଶ୍ୱର ମହାନ୍ତ ଏବଂ ବିଜେପି ନେତା ବିବେକା ମହାନ୍ତ ଯୋଗ ଦେବା ସହିତ ବିଶ୍ୱ ହିନ୍ଦୁ ପରିଷଦ ଯୋଡ଼ା ନଗର ର ସଭାପତି ରଞ୍ଜିତ ମହାକୁଡ଼ ଏବଂ ବିଜେଡି ନେତା ରବି ନାରାୟଣ ଦାସ, ପାଂଚ ନମ୍ବର ୱାର୍ଡ ସଭ୍ୟ ଆବୁଲ ହାସନ ମଧ୍ୟ ଉପସ୍ଥିତ ଥିଲେ। ଭୂମି ପୂଜନ ସମୟରେ ଶହ ଶହ ଭକ୍ତ ମଧ୍ୟ ଉପସ୍ଥିତ ଥିଲେ ଓ ମୁଖ୍ୟମନ୍ତ୍ରୀଙ୍କୁ ଖୁବ ପ୍ରଶଂସା କରିଥିଲେ।

## ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ୨୦୨୫ ଉଦ୍‌ଯାପିତ

କେନ୍ଦୁଝର,୦୪/୧୨ (ନି.ପ୍ର): ମଣ୍ଡଳ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ସଦର କେନ୍ଦୁଝରର ସ୍ଥାନୀୟ ମହାଲକ୍ଷ୍ମୀ ଉଚ୍ଚ ବିଦ୍ୟାଳୟ, ପଦ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦର ବ୍ଲକ କେନ୍ଦୁଝର ବିନୋଦ ବିହାରୀ ପଣ୍ଡା ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ର ନାରାୟଣ ସାମଲ,ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ତଥା ବିଆରସିସି ମାନସ ରଞ୍ଜନ ମିଶ୍ର ବିଜ୍ଞାନ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିବା ବେଳେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ କପିଳ ଚନ୍ଦ୍ର ଦାସ ମଂଚ ପରିଚାଳନା କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ ମଂଚର ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ୭ଟି ଉପ ବିଷୟ ବସ୍ତୁର ୧୫୮ଟି ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ୪୪ଟି ମୋଟ ପ୍ରକଳ୍ପ ୨୦୨ଟି ଆସିଥିଲା। ଏଥିମଧ୍ୟରୁ ପ୍ରତି ଉପ ବିଷୟ ବସ୍ତୁରୁ ସର୍ବୋତ୍କୃଷ୍ଟ ପ୍ରକଳ୍ପଟି ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ଏଲିମେଂଟାରୀ ଓ ସେକେଣ୍ଡାରୀ ପ୍ରତ୍ୟେକରୁ ତିନୋଟି ସର୍ବୋତ୍କୃଷ୍ଟ ପ୍ରକଳ୍ପ ଜିଲ୍ଲା ସ୍ତରରେ ହେବାକୁ ଥିବା ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ସଦର ବ୍ଲକର ସମସ୍ତ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଜ୍ଞାନ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହଯୋଗରେ ଏହି ବିଜ୍ଞାନ ପ୍ରଦର୍ଶନୀ ସମ୍ପାଦିତ ହୋଇଥିଲା।

## ବନ୍ଦେ ଭାରତ ଦ୍ରୁତଗାମୀ ଟ୍ରେନ ସଂପ୍ରସାରଣ ନେଇ ସଂସଦରେ ଦାବି ରଖିଲେ କୋରାପୁଟ ସାଂସଦ

ଜୟପୁର ,୦୪/୧୨ (ନି.ପ୍ର): ବିଶାଖାପାଟଣା ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ ୨୦୮୪୧ ଟ୍ରେନ୍ ଟିକୁ ଭାୟା ଆରକୁ ଦେଇ କୋରାପୁଟ ଯାଏଁ ସମ୍ପ୍ରସାରିତ କରିବା ନେଇ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା ଲୋକସଭାରେ ଦାବି ରଖିଛନ୍ତି । ଭୁବନେଶ୍ୱର - ବିଶାଖାପାଟଣା ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ ଟ୍ରେନ କୁ କୋରାପୁଟ ଭାୟା ରାୟଗଡ଼ା କୁ ଯଥାଶୀଘ୍ର ସମ୍ପ୍ରସାରଣ ଲାଗି ସଂସଦରେ ପୁଣିଥରେ ଦାବି ଉଠାଇଛନ୍ତି। ସଂସଦର ଶୂନ୍ୟ କାଳ ସମୟ ରେ କୋରାପୁଟ ସାଂସଦ ସପ୍ତଗିରି ଉଲକା ଦକ୍ଷିଣ ଓଡ଼ିଶାର ଯାତାୟାତ ସୁବିଧା, ସ୍ଥାନୀୟ ଅଂଚଳରେ ରେଳ ସାଧନର ଉନ୍ନୟନ ଏବଂ ବହୁ ଦିନର ଦାବି ସମୂହକୁ ନେଇ ପୁନର୍ବାର ଜୋରଦାର ସ୍ୱର ଉଠାଇଛନ୍ତି। ସେ ରାୟଗଡ଼ା ରେଳ ବିଭାଗ ସ୍ଥାପନ, କୋରାପୁଟ-ଭୁବନେଶ୍ୱର ନୂତନ ଦିବା କାଳୀନ ଟ୍ରେନ ସେବା ଏବଂ ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଟ୍ରେନ କୁ କୋରାପୁଟ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା ଲାଗି ପୁନର୍ବାର ଦାବି ଉଠାଇଛନ୍ତି। ଉପସ୍ଥାପନା ସମୟରେ ସାଂସଦ ଶ୍ରୀ ଉଲକା କହିଛନ୍ତି ଯେ, ରାୟଗଡ଼ା ରେଳ ବିଭାଗ ଗଠନ ଦକ୍ଷିଣ ଓଡ଼ିଶା ପାଇଁ ବର୍ଷ ବର୍ଷ ଧରି ଚାଲିଥିବା ବହୁ ପ୍ରତିକ୍ଷୀତ ନ୍ୟାର୍ଯ୍ୟ ଦାବି। ଏହା ସ୍ଥାପିତ ହେଲେ ରେଳ ପ୍ରଶାସନ, ପ୍ରକଳ୍ପ ପରିଚାଳନା, ଭିତ୍ତିଭୂମି ର ବିକାଶ ଓ ଯାତ୍ରୀ ସୁବିଧା ଚରମ ସୀମାକୁ ବଢ଼ାଯାଇ ପାରିବ। ସେ ପ୍ରସ୍ତାବ ରଖିଛନ୍ତି ଯେ, କୋରାପୁଟ-ରାୟଗଡ଼ା-ଭୁବନେଶ୍ୱର ମଧ୍ୟରେ ଏକ ନୂତନ ଦିବା କାଳୀନ ରେଳ ସେବା ଚାଲୁ କରାଯାଉ, ଯାହା ଏହି ଅଂଚଳରେ ଶିକ୍ଷା, ଚିକିତ୍ସା, ବ୍ୟାପାର, ପର୍ଯ୍ୟଟନ ଓ ସରକାରୀ ସେବା ପାଇଁ ଯାତାୟାତ କରୁଥିବା ସାଧାରଣ ଲୋକମାନଙ୍କୁ ବହୁତ ଲାଭାନ୍ୱିତ କରିବ। ଏହାସହ ଦକ୍ଷିଣ ଓଡ଼ିଶାବାସୀଙ୍କର ଦୀର୍ଘଦିନର ଆକାଂକ୍ଷା ଥିବା ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ କୁ କୋରାପୁଟ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ସେ ଦୃଢ଼ତା ର ସହ ଦାବି ଉଠାଇଛନ୍ତି। ସାଂସଦଙ୍କ କହିବା ଅନୁସାରେ, ଏହି ଆଧୁନିକ ଟ୍ରେନ ସେବା ଅବିଭକ୍ତ କୋରାପୁଟ ଅଂଚଳର ସାମାଜିକ ଓ ଅର୍ଥନୈତିକ ଉନ୍ନୟନକୁ ତ୍ୱରିତ କରିବ। ରେଳ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନଥିବା ସତ୍ତ୍ୱେ, ସାଂସଦଙ୍କ ସ୍ୱର ଉଠିବାରୁ ଏହି ତିନିଟି ଦାବି ପୁନଃ ଜାତୀୟ ମଂଚରେ ଗୁରୁତ୍ୱ ପାଇଛି।

## ଅଳସୀ ରାଣୀର ପ୍ରେମରେ ପଡିଯାଇଛି ପ୍ରକୃତି

ଜୟପୁର,୦୪/୧୨ (ନି.ପ୍ର): ଅଳସ ଭାଙ୍ଗୁଛି ଅଳସି ଫୁଲ।ସତେ ଯେମିତି ଲାଗୁଛି ପ୍ରକୃତି ରାଣୀ ସୁନାର ଓଢ଼ଣୀ ମେଲି ବସିଛି । କୋରାପୁଟରେ ଏବେ ମେଲିଛି ଅଳସି ଫଲର ସମ୍ଭାର, ଆଉ ପାଲଟିଛି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଶୀତର ଆଗମନରେ ନିଜେ ସଜେଇ ହୋଇ କୋରାପୁଟ ଜିଲ୍ଲାର ସୌନ୍ଦର୍ଯ୍ୟ କୁ ଦ୍ୱିଗୁଣିତ କରୁଛି ଅଳସି ଫୁଲ । ସତେ ଯେପରି ହଳଦିଆ ଚାଦର ର ସ୍ତରରେ ଢାଙ୍କି ଦେଇଛି ପୃଥିବୀ ବକ୍ଷକୁ।

ଫେରିଛି ବର୍ଷା , ଆସିଛି ଶୀତ । ଶୀତୁଆ ସକାଳରେ କୁହୁଡ଼ିର ପତଳା ଚାଦର ସବୁଆଡେ ଘୋଡ଼ାଇ ହୋଇ ରହିଛି କୋରାପୁଟ । ଆଉ ଏହାରି ଭିତରେ ଆଖି ଯେଉଁ ଆଡେ ବୁଲାଇଲେ ଦେଖିବାକୁ ମିଳୁଛି ସବୁଜିମାରେ ପରିପୂର୍ଣ୍ଣ ପାହାଡ଼ ମଝିରେ ଅଳସୀ ଫୁଲର ଅପୂର୍ବ ଶୋଭା । ଯାହାକି ପ୍ରାକୃତିକ ସୌନ୍ଦର୍ଯ୍ୟକୁ କରୁଛି ବେଶ ମନଲୋଭା । ଅଳସୀ ଫୁଲରେ ସୂର୍ଯ୍ୟଙ୍କ ପହିଲି କିରଣ ପୁରା ପରିବେଶକୁ ମତୁଆଲା କରୁଛି । ଆଉ ଏହି ଅଳସୀ ଫୁଲର ସୌନ୍ଦର୍ଯ୍ୟରେ ବିଭୋର ସମସ୍ତେ । କୋରାପୁଟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶ ବର୍ଷସାରା ଏଠାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଓ ଆକର୍ଷିତ କରିଥାଏ । କିନ୍ତୁ ଶୀତ ଦିନ କୋରାପୁଟ ହୋଇଥାଏ ଅଧିକ ସୌନ୍ଦର୍ଯ୍ୟମୟ । ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଭିତରେ କିଛି ଲେଖିବାକୁ କବି ଓ ଲେଖକଙ୍କୁ ପ୍ରେରଣା ଦେଇଥାଏ । ଅଳସୀ ଫୁଲକୁ ଦେଖି କବି ଗୁଣୁଗୁଣୁ ହୋଇ କବିତା ଗୁଡିକ ଆପେ ଆପେ ମନକୁ ଚାଲିଆସେ। ରାସ୍ତା କଡରେ କଡ଼ରେ ଆଲସୀ ରାଣୀ । ଦେଖିଲେ ଆଖି ଦୁଇଟା ଲାଖି ଯାଉଛି । ଏପଟେ ଅଳସି ଫୁଲ ଚାଷ ରେ ରୋଜଗାରକ୍ଷମ ହୋଇପାରିଛନ୍ତି କୋରାପୁଟ ଚାଷୀ । କୋରାପୁଟରେ ଅଳସୀ କ୍ଷେତ ଏବେ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି । ସକାଳର କୁହୁଡି ସାଙ୍ଗକୁ ସବୁଜିମାରେ ଭରା ପାହାଡ଼ ଆଉ ଏହା ସହ ଅଳସୀ ଫୁଲରେ ସୁର୍ଯ୍ୟଙ୍କ ପହିଲି କିରଣ ପର୍ଯ୍ୟଟକଙ୍କୁ ମତୁଆଲା କରୁଛି । ପର୍ଯ୍ୟଟକ ହେଉ କିମ୍ବା ପଥଚାରୀ ଏହି ଅଳସୀ ଫୁଲର ଅପୂର୍ବ ସମ୍ଭାର ଦୃଶ୍ୟକୁ ଦେଖି ଟିକିଏ ଅଟକିଯାଯାଏ । ଅଳସୀ ଚାଷ କୁ ବେଶ ଗୁରୁତ୍ୱ ଦିଅନ୍ତି କୋରାପୁଟ ଜିଲ୍ଲାର ଚାଷୀ ।ଏହି ଚାଷ ଅକ୍ଟୋବର ମାସରୁ ଧୀରେ ଧୀରେ ଆରମ୍ଭ ହୋଇ ଡିସେମ୍ବର ମାସର ମଧ ଆଡ଼କୁଅମଳ ହୋଇଥାଏ । ଅଳସୀ ରୁ ତେଲବାହାର କରିବା ସହ ଭଲ ମୂଲ୍ୟରେ ବିକ୍ରି କରୁଛନ୍ତି । ତେଣୁ ଅଂଚଳରରେ ଆଗ୍ରହ ପ୍ରକାଶ କରନ୍ତି ଚାଷ ପାଇଁ । ଶୀତ ଋତୁ ରେ କୋରାପୁଟ ଜିଲ୍ଲାକୁ ଦେଶ ବିଦେଶର ପର୍ଯ୍ୟଟକ ଆସୁଥିବା ବେଳେ ରାସ୍ତା କଡରେ ଥିବା ଅଳସୀ ଫୁଲ କୁ ଦେଖି ବିଭୋର ହୋଇ କିଏ ତୋ ସେଲ୍ଫି ଉଠାଇ ବାରେ ବ୍ୟସ୍ତ କିଏ ତ ଫୋଟ ଉଠାଇବାରେ ବ୍ୟସ୍ତ । ଦେଓମାଳିର ପାଦଦେଶରୁ କୋରାପୁଟ ସହରର କୋଣ ଅନୁକୋଣରେ ଫୁଟିଉଠେ ଅଳସି ଫୁଲର ସୁନ୍ଦରତା । ଏହା ନା ଯେ କେବଳ ପ୍ରକୃତିର ସୁନ୍ଦରତା ବଢାଏ ବରଂ ଏହା ଚାଷୀ ପେଟକୁ ବି ଦି ଓଳିର ଦାନା ଯୋଗାଇବାରେ ସହାୟକ ହୁଏ । ତେଣେ ଏହି ସୁନ୍ଦରତାକୁ ଥରେ ଯିଏ ଆଖିରେ ଦେଖିଛି ସେ ବାରମ୍ବାର ଏଠାକୁ ଆସିବାକୁ ମନ କରିଛି ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ଭବାନୀପାଟଣା,୦୪/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଆଜି ପାଳିତ ହୋଇଯାଇଛି। ଏହି ଅବସରରେ. ଜିଲ୍ଲାର ଭିନ୍ନକ୍ଷମ ମାନଙ୍କୁ ନେଇ ସକାଳେ ଏକ ୱାକଥନ ରେଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଠାରେ ସମାପ୍ତ ହୋଇଥିଲା । ଏହି ରେଲିରେ ଜିଲ୍ଲାର ବିଭିନ୍ନ ଭିନ୍ନକ୍ଷମ ସଂଗଠନ, ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକର ଛାତ୍ର ଛାତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହ ଅନ୍ୟାନ୍ୟ ସଂଗଠନ ମାନେ ସାମିଲ ହୋଇଥିଲେ। ଏହି ରେଲିକୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ବାନ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ରେଡକ୍ରସ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲାର ସମସ୍ତ ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକର ଛାତ୍ର ଛାତ୍ରୀ, ଭିନ୍ନକ୍ଷମ ସଂଗଠନ ମାନଙ୍କର ସଦସ୍ୟ ସଦସ୍ୟା, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ଅଭିଭାବକ ଯୋଗ ଦେଇ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହ୍ନର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ମୁଖ୍ଯ ଅତିଥି ଭାବେ ଜିଲ୍ଲା ପରିଷଦର ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୟାମୟ ପାଢି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସଂସାଦ କଳାହାଣ୍ଡି ଙ୍କ ପ୍ରତିନିଧି ଜୟ ଶଙ୍କର ନାୟକ, ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧକାରୀ ଡ଼ା ପୂର୍ନେନ୍ଦୁ ଶେଖର ବିଶ୍ୱାସ, ଜିଲ୍ଲା ବିକଳାଙ୍ଗ ମଞ୍ଚର ଅଧକ୍ଷ ସୁରେଶ ଚୌଧୁରୀ, ଜିଲ୍ଲା ଭିନ୍ନକ୍ଷମ ସମିତି ଅଧକ୍ଷ ହେମନ୍ତ ତାଣ୍ଡି ଓ ଜିଲ୍ଲା ମୁକ ଓ ବଧିର ସଂଘର ଅଧକ୍ଷ ଶୋଭନ ରଥ ଅତିଥି ଭାବେ ଯୋଗଦେଇ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରିବା ସହିତ ଉପସ୍ଥିତ ଭିନ୍ନକ୍ଷମ ମାନଙ୍କୁ ଉତ୍ସାହିତ କରି ମାର୍ଗ ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତିନି ଜଣ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ, ତିନି ଜଣ ଭିନ୍ନକ୍ଷମଙ୍କୁ ତିନି ଚକିଆ ଗାଡ଼ି ପ୍ରଦାନ କରାଯାଇଥିଲା। ପୂର୍ବରୁ ବିଭିନ୍ନ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ଖେଳକୁଦ,ଗୀତ, ପ୍ରବନ୍ଧ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସ୍ୱତନ୍ତ୍ର ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୫ ପାଳନ

କେନ୍ଦ୍ରାପଡା,୦୪/୧୨ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଜିଲ୍ଲା ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ,ଜିଲ୍ଲାପାଳ ରଘୁରାମ ଆର ଆୟରମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଳିତା ଦାସ, କେନ୍ଦ୍ରାପଡା ପୌରସଂସ୍ଥାର ଅଧକ୍ଷା ଶ୍ରୀମତୀ ସରିତା ସାହୁ,ଜିଲ୍ଲା ପରିଷଦର ମୂଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀଅଜାମ୍ବର ମହାନ୍ତି,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ମନୋରଞ୍ଜନ ରାଉତ,ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀମତୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବିଜୟ କେତନ ସାହୁ,ଜିଲ୍ଲା କ୍ରିଡା ଅଧିକାରୀ, ଲୋକନାଥ ପାଣିଗ୍ରାହୀ,ଶ୍ରବଣ ବିଶେଷଜ୍ଞ ଚନ୍ଦନ ବେହେରା, ମୂଖ୍ୟ ବକ୍ତା ଭାବେ ବିଶିଷ୍ଟ କଥାକାର ଡଃ ବିରଜା ରାଉତରାୟ ଯୋଗ ଦେଇ ଦିବ୍ୟାଙ୍ଗମାନେ ସମାଜର ଗୋଟେ ଗୋଟେ ଅଙ୍ଗ, ଏମାନେ କାହାର ବୋଝ ନୁହଁନ୍ତି, ଦୟା ନୁହେଁ ସମସ୍ତ ସୁବିଧା ସୁଯୋଗ ପାଇବା ତାଙ୍କ ଅଧିକାର ଅଟେ ବୋଲି ତାଙ୍କ ଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ର ଶୁଭ ଉଦ୍ଘାଟନ ହୋଇଥିଲା । ଭାବଗ୍ରାହୀ କଳାନିକେତନ ଓ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ, ଯୋଗଗୁରୁ ଶ୍ରୀ ସଞ୍ଜୟ କୁମାର ମଥାନ ବେଦପାଠ କରିଥିଲେ । ସରକାରଙ୍କ ବିଭିନ୍ନ ଲୋକପ୍ରିୟ ଯୋଜନାର ସଫଳ ରୂପାୟନ ହେଲେ ଯାଇ ଦିବ୍ୟାଙ୍ଗମାନେ ସମାଜର ମୂଖ୍ୟସ୍ରୋତରେ ସାମିଲ ହୋଇ ପାରିବେ ।ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଶ୍ରୀ ସଂଗ୍ରାମ କେଶରୀ ବେଉରା ସ୍ୱାଗତ ଭାଷଣ ପ୍ରଦାନ ସହ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଭିନ୍ନକ୍ଷମ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସ୍ୱପ୍ନାଂଶୁ କୁମାର ଦାସଅତିଥି ପରିଚୟ ପ୍ରଦାନ କରିଥିଲେ। ସକାଳେ ତିନିମୁହାଣି ରାମ ମନ୍ଦିର ପରିସରରେ ୨୦୦ ଜଣ ଭିନ୍ନକ୍ଷମ ଓ ସାଧାରଣ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ରାଲୀ ସହର ପରିକ୍ରମା କରି ସଂସ୍କୃତି ଭବନରେ ପହଂଚିଥିଲା ।ଏହାକୁ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ ସହ ପିଲାମାନଙ୍କ ସହ ପଦଯାତ୍ରା କରିଥିଲେ । ଉକ୍ତ ସଭାରେ କେନ୍ଦ୍ରପଡା ଜିଲ୍ଲାର ପ୍ରତ୍ୟେକ ବ୍ଲକ ଚଗଝକ୍ଷକ୍ୱରର ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ମୁଖ୍ୟ ଅତିଥି ମତ ରଖିଥିବା ବେଳେ ସେହି ସ୍କୁଲ ଗୁଡିକ ରେ ସକ୍ଷମ ଶ୍ରେଣୀ ଗୃହ ତିଆରି ହେବ ଯେଉଁଥିରେ ଭିନ୍ନକ୍ଷମ ଛାତ୍ର ଛାତ୍ରୀ ମାନେ ସମସ୍ତ ଥେରାପିର ସୁବିଧା ସୁଯୋଗ ପାଇ ପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସର୍ବଶ୍ରୀ ଡଃ ବିପିନ କୁମାର ଦାସ,ନୃସିଂହ ଚରଣ ବେହେରା,ଡଃ ବିରଜା ରାଉତରାୟ,ଜୟ ପ୍ରକାଶ ସାହୁଙ୍କୁ ଉତ୍ତରୀୟ, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

## ପୂର୍ବଛାତ୍ର ପରିଷଦ ବୈଠକ ଅନୁଷ୍ଠିତ: ସହଯୋଗ କୁପନ ଉନ୍ମୋଚିତ

କେନ୍ଦୁଝର,୦୪/୧୨ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡ ପରିସରରେ ପୂର୍ବ ଛାତ୍ର ପରିଷଦର ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ମନ୍ଦିର ପ୍ରଧାନଆଚାର୍ଯ୍ୟ ତଥା ପୂର୍ବ ଛାତ୍ର ପରିଷଦ ପୂର୍ବ ପ୍ରାନ୍ତ ସହ ସଂଯୋଜକ ଅଲେଖ ଚନ୍ଦ୍ର ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପୂର୍ବ ଛାତ୍ର ପରିଷଦ ରାଜ୍ୟ ସଂଯୋଜକ ବଜରଙ୍ଗ ପ୍ରସାଦ ସ୍ୱାଇଁ ଯୋଗ ଦେଇ ଜିଲ୍ଲାରେ ପୂର୍ବ ଛାତ୍ର ପରିଷଦ କାର୍ଯ୍ୟର ସମୀକ୍ଷା କରିଥିଲେ। ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାରେ ପୂର୍ବ ଛାତ୍ର ପରିଷଦ ଦ୍ୱାରା ସେବା କାର୍ଯ୍ୟ, ସଦସ୍ୟତା ଅଭିଯାନ,କର୍ମଶାଳା ଅନୁଷ୍ଠିତ ହେବ ସେନେଇ ବିଶଦ ଆଲୋଚନା ହୋଇଥିଲା। ଆଗାମୀ ଜାନୁୟାରୀ ମାସ ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ପୁରୀ ଠାରେ ଅଖିଳ ଭାରତୀୟ ପୂର୍ବ ଛାତ୍ର ପରିଷଦ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଆଜି ବୈଠକରେ ସହଯୋଗ କୁପନ୍ ଉନ୍ମୋଚିତ ହୋଇଛି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକରେ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ-୨୦୨୫ ପାଳିତ: ଦିବ୍ୟାଙ୍ଗମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଆହ୍ୱାନ

ଭଦ୍ରକ, ୦୪/୧୨ (ନି.ପ୍ର): ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରି ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଏବଂ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ-୨୦୨୫ ପାଳିତ ହୋଇଯାଇଅଛି ।ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ ଉପଲକ୍ଷେ ଆଜି ସକାଳୁ ପୁରୁଣା ଜିଲ୍ଲାପାଳ କାର୍ଯ୍ୟାଳୟରୁ ନୂଆ ଜିଲ୍ଲାପାଳ କାର୍ଯାଳୟ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଧାମନଗର ସ୍ଥିତ ଶ୍ରଧାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ଗୋଟିଏ ଗୋଡରେ ନୃତ୍ୟ ପରିବେଷଣ କରି ଜାତୀୟ ସ୍ତରରେ ପୁରସ୍କୃତ ନୃତ୍ୟଗୁରୁ ନିତ୍ୟାନଂଦ ଦାସ, ଦିବ୍ୟାଂଗ ଚିତ୍ରଶିଳ୍ପୀ ନମିତା ବେହେରା, ଡାକ୍ତର ସବ୍ୟସାଚି ପାତ୍ରଂକୁ ସମ୍ବର୍ଧନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଦିବ୍ୟାଙ୍ଗ ସ୍କୁଲର ଛାତ୍ରଛାତ୍ରୀ, ମୁକ ବଧିର ସଂଘ ଓ ଅନ୍ତେବାସୀଙ୍କ ସମେତ ଅଭିଭାବକ ଯୋଗ ଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଦିବ୍ୟାଙ୍ଗଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଭିନ୍ନକ୍ଷମମାନେ ବଧିଯପରିକର ରୁହନ୍ତୁ । ଦୁର୍ବଳତାକୁ ସଫଳତାର ଚାବିକାଠି ରୂପେ ଗ୍ରହଣ କରିପାରିଲେ ସମସ୍ତ ସମସ୍ୟାର ସମାଧାନ ହେଇପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ଆୟୋଜିତ ଏହି କାର୍ଯକ୍ରମରେ ସିଡିଏମ୍ଓ ସୁଧୀର ରଞ୍ଜନ ନାୟକ, ଧାମନଗର ବିଡିଓ ବନବିହାରୀ ଦିଣ୍ଡା, ଏସ୍‌ଡିଆଇପିଆରଓ ମଧୁସ୍ମିତା ମହାପାତ୍, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲାର ପୂବତ୍ତନ ଡିଆଇପିଆରଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଂଚାୟତ ଅଫିସକୁ ଯିବ ପୋଷ୍ଟ ଅଫିସ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ୫୭୩ ପୋଷ୍ଟ ଅଫିସକୁ ପଂଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରିବା ପାଇଁ ନିର୍ଦ୍ଦେଶ ଦେଇଛି ପଂଚାୟତିରାଜ ବିଭାଗ। ଏ ନେଇ ସମସ୍ତ ଜିଲ୍ଲାପାଳ ମାନଙ୍କୁ ପଂଚାୟତିରାଜ ବିଭାଗ ଚିଠି ଲେଖି ନିର୍ଦ୍ଦେଶ ଦେଇଛି। ୫୭୩ ପୋଷ୍ଟ ସ୍ଥାନାନ୍ତର ନିର୍ଦ୍ଦେଶ ଦିଆ ଯାଇଥିବା ବେଳେ ମାତ୍ର ୭୧ ଟି ସ୍ଥାନାନ୍ତର ହୋଇଛି। ବାକି ପୋଷ୍ଟ ଅଫିସ ଗୁଡ଼ିକୁ ୨୦ ଡିସେମ୍ବର ସୁଦ୍ଧା ସ୍ଥାନାନ୍ତରିତ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପଂଚାୟତ କାର୍ଯ୍ୟାଳୟ ନ ହେଲେ ସରକାରୀ ସ୍କୁଲ, ଅଙ୍ଗନବାଡ଼ି ସେଂଟର, ସିଏଚସି କିମ୍ବା ପିଏଚସି ପରିସରରେ ଖାଲି ଥିବା ସ୍ଥାନ ରେ ପୋଷ୍ଟ ଅଫିସକୁ ସ୍ଥାନାନ୍ତରିତ କରିବା ଲାଗି ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭାରତରେ ପହଞ୍ଚିଲେ...

ଏବେ ମୋଦି ସମାନ ଢଙ୍ଗରେ ପୁଟିନଙ୍କୁ କାରରେ ଧରି ପ୍ରଧାନମନ୍ତ୍ରୀ ବାସଭବନକୁ ଯାଇଛନ୍ତି। ସେଠାରେ ପୁଟିନଙ୍କ ପାଇଁ ରାତ୍ର ଭୋଜନର ଆୟୋଜନ କରିଛନ୍ତି ମୋଦି। ରାତ୍ର ଭୋଜନ ପରେ ପୁଟିନ ସିଧା ଆଇଟିସି ମୌର୍ଯ୍ୟକୁ ଯାଇଛନ୍ତି। ସେଠାକାର ଚାଣକ୍ୟ ପ୍ରେସିଡେଣ୍ଟାଲ ସୁଟରେ ସେ ରାତି କାଟିବେ। ପୁଟିନ ଆଇଟିସି ମୌର୍ଯ୍ୟରେ ରହୁଥିବାରୁ ହୋଟେଲର ସମସ୍ତ ରୁମକୁ ବୁକ କରି ଦିଆଯାଇଛି। ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶୁକ୍ରବାର ଦିନ ୧୧ଟାରେ ରାଷ୍ଟ୍ରପତି ଭବନରେ ପୁଟିନଙ୍କ ପାଇଁ ଗୋଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୧.୩୦ରେ ସେ ରାଜଘାଟ ଯାଇ ପୁଷ୍ପମାଲ୍ୟ ଅର୍ପଣ କରିବେ। ଦିନ ପ୍ରାୟ ୧୧.୩୦ରେ ହାଇଦ୍ରାବାଦ ହାଉସରେ ମୋଦିଙ୍କୁ ଭେଟିବେ ପୁଟିନ। ସେଠାରେ ଦୁଇ ନେତାଙ୍କ ମଧ ଦୁଇ ପାକ୍ଷିକ ଆଲୋଚନା ହେବ। ଦିନ ପ୍ରାୟ ୧.୫୦ର ଉଭୟ ନେତା ହାଇଦ୍ରାବାଦ ହାଉସରେ ପ୍ରେସକୁ ସମ୍ବୋଧନ କରିବେ କିମ୍ବା ମିଳିତ ବିବୃତି ଜାରି କରିବେ। ୩.୪୦ରେ ଆୟୋଜିତ ଗୋଟିଏ ବ୍ୟବସାୟିକ କାର୍ଯ୍ୟକ୍ରମରେ ପୁଟିନ ସାମିଲ ହେବେ। ତେବେ ବ୍ୟବସାୟିକ କାର୍ଯ୍ୟକ୍ରମ କେଉଁଠି ହେବ, ସେକଥା ଜଣାପଡ଼ିନି। ୨୩ ତମ ଭାରତ-ରୁଷ ସମ୍ମିଳନୀ ପରେ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ଠାରୁ ଆରମ୍ଭ କରି ବାଣିଜ୍ୟକୁ ନେଇ ଏକାଧିକ ବୁଝାମଣା ସ୍ୱାକ୍ଷରିତ ହେବ। ସନ୍ଧ୍ୟା ୭ଟା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବେ ପୁଟିନ। ସେହିପରି ରାତି ୯ଟା ବେଳେ ସେ ଭାରତ ଛାଡ଼ିବେ। ପୁଟିନ ଶେଷ ଥର ପାଇଁ ୨୦୨୧ରେ ଭାରତ ଗସ୍ତରେ ଆସିଥିଲେ। ୨୧ତମ ଭାରତ-ରୁଷ ସମ୍ମିଳନୀରେ ଯୋଗଦେବାକୁ ଆସି ସେ ମୋଦିଙ୍କୁ ଭେଟିଥିଲେ। ଏବେ ୨୩ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀ ପାଇଁ ସେ ଭାରତ ଆସିଛନ୍ତି।

### ୩୦ ଜିଲ୍ଲାରେ ସକ୍ରିୟ ଲଘୁ ...

ବାଲି ଚାଲାଣକୁ ଖଣିମନ୍ତ୍ରୀ ସ୍ୱୀକାର କରିଥିବାବେଳେ ସରକାରଙ୍କୁ ଟାର୍ଗେଟ କରିଛି ବିଜେଡି । ଦଳ କହିଛି, ବିଜେପି କର୍ମୀ ଚଳାଉଛନ୍ତି ବାଲିଘାଟ । ସରକାରଙ୍କ ନିୟନ୍ତ୍ରଣ ନାହିଁ । ଲୁଟତରାଜ ଚାଲିଛି । ଅଫିସର କି ଜିଲ୍ଲାପାଳ କିଛି ବୁଝୁନାହାନ୍ତି । ବେଆଇନ ବାଲିଘାଟକୁ ବନ୍ଦ କରିବାରେ ସରକାର ଅସହାୟ । ସରକାର ଟେଣ୍ଡର କାହିଁକି କରୁନାହାନ୍ତି ? ବୋଲି ପ୍ରଶ୍ନ କରିଛି ବିଜେଡି । କଂଗ୍ରେସ ମଧ ସରକାରଙ୍କୁ ଟାର୍ଗେଟ କରିଛି । ଚଢାଉ ଓ ଜୋରିମାନା ସତ୍ତ୍ୱେ ବାଲିଚୋରି ରୋକିହେଉନାହିଁ । ମାଫିଆ ମାତୁଛନ୍ତି । ପ୍ରଶ୍ନ ଉଠୁଛି, ବାଲିମାଫିଆଙ୍କ ଉପରେ ଲଗାମ ଲାଗିବ କେବେ ?

# ଚୋରାବାଲି ଚାଲାଣ ପାଇଁ ଗାଡି ମାଲିକଙ୍କୁ ସପ୍ତାହକ ମଧ୍ୟରେ ୪ଲକ୍ଷ ଟଙ୍କାର ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ

ବେତନଟୀ, ୦୪/୧୨ (ନି.ପ୍ର): ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ଓରାଚନ୍ଦାବିଲା ଠାରୁ ବାଲିବୋଝେଇ ହାଇୱା ଜବତ ଘଟଣା ଭିନ୍ନମୋଡ ନେଇଥ?ବା ବେଳେ ଚୋରାବାଲି ଚାଲାଣ ପାଇଁ ଗାଡି ମାଲିକଙ୍କୁ ସପ୍ତାହକ ମଧ୍ୟରେ ୪ଲକ୍ଷ ଟଙ୍କାର ଜରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେବା ସହିତ ଇ-ଟ୍ରାଞ୍ଜିଟ ପରମିଟର ଅପବ୍ୟବହାର ପାଇଁ ନିଲାମଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ବେଳେ ୩ଦିନ ମଧ୍ୟରେ କାରଣ ଦର୍ଶାଇ ନପାରିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ମୟୂରଭଞ୍ଜ ଜିଲ୍ଲା ଖଣିବିଭାଗ ପକ୍ଷରୁ ଗୁରୁବାର ନିର୍ଦ୍ଦେଶ ଜାରି କରାଯାଇଛି। ହସ୍ତଗତ ସୂଚନା ମୁତାବକ ବେତନଟୀ ଥାନା ଅଧୀନ ହାତୀକୋଟ ମୌଜାର ଖାତାନଂ-୨୨୬୮ ଏବଂ ଫୁଟନଂ-୩ରେ ଥ?ବା ବେଆଇନ ବାଲିଡିପୋକୁ ଗତମାସ ୨୭ତାରିଖରେ ଜବତ କରି ଉପଜିଲ୍ଲାପାଳ ଡ. ଦୟାସୀନ୍ଧୁ ପରିଡା ତତ୍?କ୍ଷଣାତ ନିଲାମ କରିଥିଲେ । ନିଲାମଧାରୀ ବୈଶିଙ୍ଗା ଥାନା ଅଧୀନ ମେର୍ଦା ଉପକଣ୍ଠ ସିଙ୍ଗାରପୁରା ଗ୍ରାମର ଶ୍ରୀଧର ଜେନା ୨ଲକ୍ଷ ୪୭ହଜାର ୫ଶହ୬ ଟଙ୍କା ରାଜସ୍ୱ ବାବଦକୁ ପୈଠକରିଥିଲେ । ଏହାପରେ ହାତୀକୋଟରୁ ୩ଶହ କ୍ୟୁବିକ ପରିମାଣର ବାଲି ନଭେମ୍ବର ୨୮ ତାରିଖରୁ ଡିସେମ୍ବର ୧ତାରିଖ ମଧ୍ୟରେ ପରିବହନ ପାଇଁ ନିଲାମଧାରୀ ଶ୍ରୀଧର ଜେନାଙ୍କୁ ଖଣିବିଭାଗ ପକ୍ଷରୁ ଇ-ଟ୍ରାଞ୍ଜିଟ ପରମିଟ ପ୍ରଦାନ କରାଯାଇଥିଲା। ଜବତ ବାଲିର ସୁରକ୍ଷା ପାଇଁ ୨୮ତାରିଖ ରାତିରେ ପୁଲିସ ମୁତୟନ କରାଯାଇଥିବା ବେଳେ ନିଲାମଧାରୀ ୨୯ ତାରିଖ ସୁଦ୍ଧା ସମସ୍ତ ବାଲି ଉଠାଇ ନେଇଥ?ବାରୁ ପୁଲିସଫୋର୍ସ ପ୍ରତ୍ୟାହାର କରିନିଆ ଯାଇଥିଲା। ତେବେ ନଭେମ୍ବର ୩୦ତାରିଖ ବିଳମ୍ବିତ ରାତିରେ ଓରାଚନ୍ଦାବିଲା ଠାରେ ବାରିପଦା ଅଭିମୁଖେ ଯାଉଥ?ବା ଓଡି-୧୧ ଏଏଚ -୬୬୫୧ ନମ୍ବର ବିଶିଷ୍ଟ ବାଲିବୋଝେଇ ହାଇୱାକୁ ଅଟକାଇ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ବେତନଟୀ ପୁଲିସକୁ ଜିମା ଦେଇଥିଲେ। ଉକ୍ତ ବାଲିବୋଝେଇ ହାଇୱାକୁ କୃଷ୍ଣଚନ୍ଦ୍ରପୁର ଫାଣ୍ଡିକୁ ଅଣାଯାଇଥିବା ବେଳେ ସୋମବାର ତଦନ୍ତ ପାଇଁ ମାଇନିଂ ଅଧିକାରୀ କୃଷ୍ଣଚନ୍ଦ୍ରପୁର ଫାଣ୍ଡିରେ ପହଞ୍ଚିଥିଲେ। ହାତୀକୋଟ ଠାରେ ନିଲାମ ହୋଇଥିବା ବାଲିଡିପୋ ବାବଦକୁ ଶ୍ରୀଧର ଜେନାଙ୍କୁ ପ୍ରଦତ୍ତ ଇ-ଟ୍ରାଞ୍ଜିଟ ପରମିଟକୁ ଓରାଚନ୍ଦାବିଲା ଠାରେ ଅଟକ ବାଲିବୋଝେଇ ହାଇୱା କର୍ତ୍ତୃପକ୍ଷ ଉପସ୍ଥାପନ କରିଥିଲେ। ପାଞ୍ଚପରେ ଉକ୍ତ ଇ-ଟ୍ରାଞ୍ଜିଟ ପରମିଟକୁ ବୈଧ ବୋଲି ଖଣିଅଧିକାରୀ କହିଥିଲେ । ତେବେ ୨୯ତାରିଖରୁ ହାତୀକୋଟରେ ଥ?ବା ବାଲିଡିପୋରୁ ଶ୍ରୀଧର ଜେନା ସମସ୍ତ ବାଲି ପରିବହନ କରିସାରିବାପରେ ପୁଲିସଫୋର୍ସ ପ୍ରତ୍ୟାହାର ହୋଇଥିଲେ ସୁଦ୍ଧା ଓରାଚନ୍ଦାବିଲା ଅଞ୍ଚଳରେ ସ୍ଥାନୀୟଲୋକଙ୍କ ଦ୍ୱାରା,ଅଟକ ବାଲିବୋଝେଇ ହାଇୱା ପକ୍ଷରୁ ପୁନର୍ବାର କିଭଳି ହାତୀକୋଟ ପାଇଁ ପ୍ରଦତ୍ତ ଇ-ଟ୍ରାଞ୍ଜିଟ ପରମିଟ ବ୍ୟବହାର କରାଗଲା ସେନେଇ ଅଧିକ ଖୋଳତାଡ ଆରମ୍ଭ ହୋଇଥିଲା ।ତଦନ୍ତ ସମୟରେ ହାତୀକୋଟ ବାଲିଡିପୋ ନିଲାମ ପାଇଁ ଖଣିବିଭାଗ ପକ୍ଷରୁ ପ୍ରଦତ୍ତ ଇ-ଟ୍ରାଞ୍ଜିଟ ପରମିଟର ବ୍ୟବହାର କରି ଅନ୍ୟ ସ୍ଥାନରୁ ବାଲି ଉତ୍ତୋଳନ ଓ ପରିବହନ କରାଯିବାଯାହାକି ସମ୍ପୂର୍ଣ୍ଣ ବେଆଇନ ଏବଂ ଲଘୁଖଣିଜ ସମ୍ପଦର ଉତ୍ତୋଳନ ଓ ପରିବହନ ଆଇନର ଖୋଲାଖୋଲି ଉଲଙ୍ଘନ ହୋଇଥିବା ଘଟଣା ସ୍ପଷ୍ଟ ହୋଇଥିଲା । ଖଣିବିଭାଗ ପକ୍ଷରୁ ପ୍ରଦତ୍ତ ଇ-ଟ୍ରାଞ୍ଜିଟ ପରମିଟର ଅପବ୍ୟବହାର କରି ଲଘୁଖଣିଜ ସମ୍ପଦର ବେଆଇନ ଉତ୍ତୋଳନ ଓ ଚୋରାଚାଲାଣ ପାଇଁ ଓରାଚନ୍ଦାବିଲା ଠାରେ ସ୍ଥାନୀୟଲୋକେ ଅଟକରଖି ପୁଲିସ ଜିମା ଦେଇଥ?ବା ଓଡି-୧୧ ଏଏଚ ୬୬୫୧ ନମ୍ବର ବିଶିଷ୍ଟ ବାଲିବୋଝେଇ ହାଇୱା କର୍ତ୍ତୃପକ୍ଷଙ୍କୁ ଆସନ୍ତା ୭ଦିନ ମଧ୍ୟରେ ୪ଲକ୍ଷ ଟଙ୍କାର ଜରିମାନା ପୈଠ ପାଇଁ ମୟୂରଭଞ୍ଜ ଜିଲ୍ଲା ଖଣିଅଧିକାରୀ ଗୁରୁବାର ନିଜର କାର୍ଯ୍ୟାଳୟ ପକ୍ଷରୁ ଚିଠିନଂ ୩୧୪୩ ତା୪/୧୨/୨୦୨୫ରିଖରେ ନିର୍ଦ୍ଦେଶ ଦେଇଛନ୍ତି । ଏଥସହିତ ସପ୍ତାହକ ମଧ୍ୟରେ ଧାର୍ଯ୍ୟ ଜରିମାନା ପୈଠ ନକଲେ ପରବର୍ତ୍ତି ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖଣିଅଧିକାରୀ ଚିଠିରେ ଉଲ୍ଲେଖ କରିଛନ୍ତି । ସେହିଭଳି ହାତୀକୋଟ ମୌଜାରେ ବେଆଇନ ବାଲିଡୋପୋ ନିଲାମ ନେଇଥିବା ନିଲାମଧାରୀ ଶ୍ରୀଧର ଜେନାଙ୍କୁ ପ୍ରଦତ୍ତ ଇ-ଟ୍ରାଞ୍ଜିଟ ପରମିଟକୁ ହାତୀକୋଟ ବାଲିଡିପୋରୁ ସମସ୍ତ ବାଲି ଉଠାଇନେଇ ସାରିଥିଲେ ସୁଦ୍ଧା ସେ କିଭଳି ଅନ୍ୟସ୍ଥାନରୁ ବାଲି ଉତ୍ତୋଳନ ଓ ପରିବହନ ପାଇଁ ବ୍ୟବହାର କଲେ ଯାହାକି ଲଘୁଖଣିଜ ସମ୍ପଦ ଉତ୍ତୋଳନ ଓ ପରିବହନ ଆଇନର ଉଲଙ୍ଘନ ଅଟେ । ଇ-ଟ୍ରାଞ୍ଜିଟ ପରମିଟର ଅପବ୍ୟବହାର ଘଟଣା ପ୍ରମାଣିତ ହେବାପରେ ଖଣିବିଭାଗ ପକ୍ଷରୁ ଜିଲାଧାରୀ ଶ୍ରୀଧର ଜେନାଙ୍କୁ ମୟୂରଭଞ୍ଜ ଜିଲ୍ଲା ଖଣି ଅଧୀକାରୀଙ୍କ କାର୍ଯ୍ୟାଳୟ ଚିଠିନଂ ୩୧୪୫ ତା ୪/୧୨/୨୦୨୫ରିଖରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଏହି ନୋଟିସ ପାଇବାର ୩ଦିନ ମଧ୍ୟରେ ଶ୍ରୀଧର ଜେନା ନିଜର ପକ୍ଷ ଉପସ୍ଥାପନ ନକଲେ ପରବର୍ତ୍ତି ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖଣିଅଧିକାରୀ ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲାରେ ଖଣିବିଭାଗ ପକ୍ଷରୁ ପ୍ରଦତ୍ତ ଇ-ଟ୍ରାଞ୍ଜିଟ ପରମିଟ ଗୁଡିକୁ କିଏ କେବେ ଏବଂ କେଠାରୁ କିଭଳି ବ୍ୟବହାର କରୁଛି ସେନେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଗୋଟିଏ ଇ-ଟ୍ରାଞ୍ଜିଟ ପରମିଟ ଦ୍ୱାରା କିଭଳି ସୁ ସଂଗଠିତ ଏବଂ ସୁବ୍ୟବସ୍ଥିତ ଉପାୟରେ ବାରମ୍ବାର ବାଲିପରିବହନ କରି ଖୁଲ୍ଲମଖୁଲା ଲଘୁଖଣିଜ ସମ୍ପଦର ବେଆଇନ ଉତ୍ତୋଳନ ଏବଂ ଚୋରାଚାଲାଣ କରାଯାଉଛି ତାହାର ପର୍ଦାଫାସ ହୋଇପାରିବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

# ବାଲ ଓ ମହିଳା ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ "ବାଲ ବିବାହ ମୁକ୍ତ ଭାରତ" ଅଭିଯାନ




ନୂଆଦିଲ୍ଲୀ,୦୪/୧୨ : ବାଳ ଓ ମହିଳା ଉନ୍ନୟନ ମନ୍ତ୍ରଣାଳୟ ଗୁରୁବାର "ବାଲ ବିବାହ ମୁକ୍ତ ଭାରତ" (ଚାଇଲ୍ଡ ମ୍ୟାରେଜ୍ ଫ୍ରି ଇଣ୍ଡିଆ) ପରିକଳ୍ପନାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୦୦ ଦିନୀୟ ଗଭୀର ସଚେତନତା ଅଭିଯାନର ଶୁଭାରମ୍ଭ କଲା। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ରାଜ୍ୟ ମନ୍ତ୍ରୀ ସାବିତ୍ରୀ ଠାକୁର ଉପସ୍ଥିତ ଥିଲେ। ସରକାର ନଭେମ୍ବର ୨୭, ୨୦୨୪ ରେ "ବାଲ ବିବାହ ମୁକ୍ତ ଭାରତ" ଅଭିଯାନର ଶୁଭାରମ୍ଭ କରିଥିଲା। ଶିଶୁ ଅଧିକାର କର୍ମୀ ଏବଂ 'ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍'ର ସଂସ୍ଥାପକ ଭୁବନ ରିଭୁ ସମସ୍ତ ସ୍ୱାଧୀନ ହିସ୍ସା ନେବାକୁ ଆହ୍ୱାନ କରିଥିଲେ, ଯାହା ଦେଶକୁ ଏହି ଅପରାଧରୁ ମୁକ୍ତ କରିବାରେ ମୁଖ୍ୟ ଭୂମିକା ନେବ। "ସମୁଦାୟ ଗୋଷ୍ଠୀ, ଧର୍ମଗୁରୁ, ପଞ୍ଚାୟତ୍ ଏବଂ ନାଗରିକମାନଙ୍କ ଭୂମିକା ଏକ ଶିଶୁ ବିବାହ ମୁକ୍ତ ଭାରତ ଗଢ଼ିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ 'ବାଲ ବିବାହ ମୁକ୍ତ ଭାରତ' ଅଭିଯାନ ଆଜି ବିଶ୍ୱର ପାଇଁ ଏକ ମଡେଲ୍ ହୋଇଛି। ଏହା ଆମର ସମୂହିକ ପ୍ରୟାସର ଉତ୍ସବ ସ୍ୱରୂପ, ଯାହା ଶିଶୁମାନଙ୍କ ଉପରେ ହେଉଥିବା ଏହି ଅପରାଧକୁ ଶେଷ କରିବାକୁ ଉଦ୍ୟମଶୀଳ। ପଲା ବର୍ଷ, ଏକ ଲକ୍ଷରୁ ଅଧିକ ବାଲ ବିବାହକୁ ରୋକାଯାଇଥିଲା କିମ୍ବା ରୋକିବାରେ ସଫଳତା ମିଳିଥିଲା—ଯାହା ଦେଖାଉଛି ଯେ ସମାଜ ଏକତ୍ର ହେଲେ ପରିବର୍ତ୍ତନ ନିଶ୍ଚିତ। ଆସନ୍ତା ବର୍ଷ, ଆମେ ଏକତ୍ର ହୋଇ ଏକ ଲକ୍ଷ ଗାଁକୁ ବାଲ ବିବାହ ମୁକ୍ତ କରିବାର ପ୍ରତିଜ୍ଞା କରୁଛୁ, ଯାହାର ଫଳରେ ପ୍ରତ୍ୟେକ ଶିଶୁ ସୁରକ୍ଷିତ ଭବିଷ୍ୟତ ଓ ସୁଯୋଗ ପାଇବ। ଭାରତ ଯେତେବେଳେ 'ବିକସିତ ଭାରତ'ର ମହାଦୃଷ୍ଟିକୋଣ ପ୍ରତି ଆଗୁଆଁ ବଢୁଛି, ଏହି ଗତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।" 'ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍' ହେଉଛି ୪୫୧ଟି ଜିଲ୍ଲାରେ କାର୍ଯ୍ୟରତ ୨୫୦ରୁ ଅଧିକ ଏନଜିଓଙ୍କ ସଂଘଟିତ ସମାଜିକ ସଂଗଠନ, ଯାହା ଶିଶୁ ସୁରକ୍ଷା ବିଷୟରେ ଆଇନ ଶୃଙ୍ଖଳା କର୍ମୀମାନଙ୍କ ସହ ସଂକଳ୍ପବଦ୍ଧ ଭାବରେ କାମ କରୁଛି।

# ରାଜ୍ୟରେ ଅଛନ୍ତି ୧୧ ହଜାର ୩୯୭ ଘରବାଡ଼ି ଶୂନ୍ୟ ପରିବାର

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଏବେ ବି ରାଜ୍ୟରେ ଅଛନ୍ତି ୧୧ ହଜାର ୩୯୭ ଘରବାଡ଼ି ଶୂନ୍ୟ ପରିବାର। ଚିହ୍ନଟ ହୋଇଛନ୍ତି ୩୬ ହଜାର ୭୦୯ ଘରବାଡ଼ି ଶୂନ୍ୟ ପରିବାର । ବର୍ତ୍ତମାନ ସୁଦ୍ଧା ୨୫ ହଜାର ୩୧୨ ଘରବାଡି ଶୂନ୍ୟ ପରିବାରଙ୍କୁ ଦିଆଯାଇଛି ଘରଡିହ ପଟ୍ଟା । ବିଧାୟକ ମନୋହର ରନ୍ଧାରୀଙ୍କ ପ୍ରଶ୍ନରେ ରାଜସ୍ୱ ମନ୍ତ୍ରୀ ଉତ୍ତର ରଖିଛନ୍ତି ।

ପ୍ରକାଶ ପାଇଲା....

ଡ. ଭାଗବତ ବେହେରାଙ୍କ ଲିଖିତ ଜଗନ୍ନାଥ ଚେତନା ସମ୍ବଳିତ ଦୁଇଟି ଆଧ୍ୟାତ୍ମିକ ଉପନ୍ୟାସ :

ପତିତପାବନ | କଳାପାହାଡ଼




ପ୍ରାପ୍ତିସ୍ଥାନ: ତାରିଣୀ ବିଦ୍ୟାଭଣ୍ଡାର ଷ୍ଟେସନ ରୋଡ଼, ବାଲେଶ୍ୱର-୧

# ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ଜଳେଶ୍ୱର, ୦୪/୧୨ (ନି.ପ୍ର): ଜଳେଶ୍ୱର ବଡ଼ ବଜାର ସ୍ଥିତ ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସତ୍ୟନାରାୟଣ ମନ୍ଦିର ସ୍ଥିତ ପଡ଼ିଆରେ ଉଦଯାପିତ ହୋଇଯାଇଛି ।ଉଦଯାପନୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରବିନ୍ଦ ପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜଳେଶ୍ୱର ଏସ ଡିପିଓ ସୁବ୍ରତ କୁମାର ବେହେରା,ଅଗ୍ନିଶମ ବିଭାଗର ମୁଖ୍ୟ ସବରମ୍ ସିଂ ମୁଖ୍ୟ ବକ୍ତା ଓ ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ଆଲୁମିନି କମିଟିର ସଭାପତି ଆଦିତ୍ୟ ନାରାୟଣ ପାତ୍ର, ୧୧ନଂ ୱାର୍ଡ଼ର କାଉନସିଲର ସୁଷମା କର,ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସୁଜୟ କୁମାର ଦେ ଉପସ୍ଥିତ ରହି ନିଜର ଅଭିଭାଷଣ ପିଲାମାନଙ୍କ ଭବିଷ୍ୟତ ଉପରେ ପ୍ରଦାନ କରିଥିଲେ।୧ ତାରିଖ ଦିନ ମସାଲ ସୁଭାଯାତ୍ରାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସହର ପରିକ୍ରମା କରିବା ପରେ ବାର୍ଷିକ କ୍ରୀଡ଼ା ଉଦଘାଟନ ହୋଇଥିଲା। ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ ଛାତ୍ରଛାତ୍ରୀ ମାନେ ଲେଜିମ ଡାନ୍ସ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଖେଳରେ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ମେଡାଲ ମୁଖ୍ୟ ଅତିଥି ତଥା ଅନ୍ୟାନ୍ୟ ଅତିଥି ଗଣ ପ୍ରଦାନ କରିଥିଲେ। ଶେଷରେ ସହକାରୀ ଶିକ୍ଷୟତ୍ରୀ ସୁସ୍ମିତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ୩ଦିନ ଧରି ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ାକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତତ୍ୱାବଧାନରେ ପରିଚାଳିତ ହୋଇଥିଲା।

# ପାରାଦୀପ ବନ୍ଦରର ସଚିବ ଭାବରେ ଦାୟିତ୍ୱ ଗ୍ରହଣ କଲେ ଶ୍ରୀ କୃଷ୍ଣ ବାପି ରାଜୁ



ପାରାଦୀପ, ୦୪/୧୨ (ନି.ପ୍ର): ଶ୍ରୀ କୃଷ୍ଣ ବାପି ରାଜୁ ଆଜି ପାରାଦୀପ ବନ୍ଦରର ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଜଣେ ପ୍ରତିଷ୍ଠିତ ଆଇନଗତ ଏବଂ ପ୍ରଶାସନିକ ବୃତ୍ତିଗତ ଯାହାଙ୍କର ସାର୍ବଜନୀନ କ୍ଷେତ୍ର ସଂଗଠନରେ, ବିଶେଷକରି ଭାରତର ପ୍ରମୁଖ ବନ୍ଦର କ୍ଷେତ୍ର ମଧ୍ୟରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକ ସମୃଦ୍ଧ କ୍ୟାରିଅର ରହିଛି ।୧୯୯୫ ସେପ୍ଟେମ୍ବର ମାସରେ ଆନ୍ଧ୍ର ପ୍ରଦେଶ ରେ ଜଣେ ଓକିଲ ଭାବରେ ପଞ୍ଜୀକୃତ ହୋଇଥିଲେ, ଯେଉଁଠାରେ ସେ ଆଠ ବର୍ଷ ପାଇଁ ଆଇନ ଅଭ୍ୟାସ କରିଥିଲେ। ସେ ୨୦୦୩ ରେ ବିଶାଖାପାଟଣା ସହରାଞ୍ଚଳ ବିକାଶ ପ୍ରାଧିକରଣ ରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ବୈଧାନିକ ସଂସ୍ଥାରେ ସେବା କରୁଥିବା ଜଣେ ଆଇନ ଅଧିକାରୀ ଭାବରେ ମନୋନୀତ ହୋଇଥିଲେ। ସେ ଫେବୃଆରୀ ୨୭, ୨୦୦୯ ରେ ବିଶାଖାପାଟଣା ପୋର୍ଟ ରେ ଆଇନ ଅଧିକାରୀ ଭାବରେ ଯୋଗ ଦେଇଥିଲେ। ୨୦୧୭ ମସିହାରେ ତାଙ୍କୁ ପାରାଦୀପ ବନ୍ଦର ରେ ଉପମୁଖ୍ୟ ଆଇନ ଅଧିକାରୀ ଭାବରେ ପଦୋନ୍ନତି ଦିଆଯାଇଥିଲା ।ପରେ ତାଙ୍କୁ ନ୍ୟୁ ମାଙ୍ଗାଲୋର ବନ୍ଦର କର୍ତ୍ତୃପକ୍ଷ ର ବରିଷ୍ଠ ଉପସଚିବ ଭାବରେ ପଦୋନ୍ନତି ଦିଆଯାଇ ସ୍ଥାନାନ୍ତର କରାଯାଇଥିଲା। ଆଜି ସେ ପାରାଦୀପ ପୋର୍ଟ ଅଥରୀଟିର ସଚିବ ଭାବରେ ଯୋଗ ଦେଇଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିଲରେ ଧାନବିଡା ଜଳାଇଲେ ଦୁର୍ବୃତ୍ତ

ଲଙ୍ଗଳେଶ୍ୱର, ୦୪/୧୨ (ନି.ପ୍ର): ପୂର୍ବ ଶତୃତାକୁ କେନ୍ଦ୍ରକରି ବିଲରେ ଧାନବିଡା ଜଳାଇଲେ ଦୁର୍ବୃତ୍ତ। ଅଗ୍ନିଶମ ବାହିନୀ ଦ୍ୱାରା ଲିଭିଲା ନିଆଁ ।ଗ୍ରାମରେ ଉତ୍ତେଜନା। ସୂଚନାରୁ ପ୍ରକାଶ, ସିଂଲା ଥାନା ସାଉଡି ପଞ୍ଚାୟତର ଛୟାଳିୟା ଗ୍ରାମରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଘଟଣା ।ଛୟାଳିୟା ଗ୍ରାମର ପ୍ରଦୀପ୍ ମାଇତୀ ଓ ତାଙ୍କ ସ୍ତ୍ରୀ ମୀନତି ନିଜ ଜମିରୁ ଧାନ ବିଡା ଆଣିବାକୁ ଗତକାଲି ଯାଇଥିବା ବେଳେ ପୂର୍ବ ଶତୃତାକୁ କେନ୍ଦ୍ରକରି କିଛି ଗ୍ରାମବାସୀ ମୀନତି ଓ ପ୍ରଦୀପ୍ କୁ ଅଟକ ରଖିବା ଓ ଆକ୍ରମଣ କରିଥିବା ନେଇ ସିଂଲା ଥାନାରେ ଅଭିଯୋଗ ହୋଇଥିଲା। ତେବେ ଗତକାଲି ସିଂଲା ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରେ ସମାଧାନ ହୋଇ ପାରିନଥିଲା। ଆଜି ସକାଳୁ ପ୍ରଦୀପ ଓ ମୀନତି ନିଜ ଜମିରୁ ଧାନବିଡା ଆଣିବାକୁ ଯାଇଥିବା ବେଳେ,ଧାନଗଦାରୁ ଧୂଆଁ ବାହାରୁଥିଲା । ସ୍ଥାନୀୟ ପୋଲିସ୍ ଓ ଦମକଳବାହିନୀ ଆସି ନିଆଁ ଆୟତ୍ତ କରିଥିଲେ। ତେବେ ଅଭିଯୋଗ ମିଥ୍ୟା ଥିବା ଗାଁ ମାଲିକ କହୁଥିବା ବେଳେ ନିଜେ ନିଜ ଧାନବିଡାରେ ନିଆଁ ଲଗାଇଥିବା କହିଛନ୍ତି ।ତଦନ୍ତ ପରେ ପୁଲିସ ପଦକ୍ଷେପ ନେବ ବୋଲି କହିଛି।

ଶୁକ୍ରବାର, ଡିସେମ୍ବର ୦୫, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା 8

## ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ମହାରାଜଙ୍କ ଦ୍ୱାରା ଜ୍ଞାନଦୀପ ପ୍ରଜ୍ୱଳନ ଯାତ୍ରାର ଶୁଭାରମ୍ଭ

ନୀଳଗିରି , ୦୪/୧୨ (ନି.ପ୍ର): ପ୍ରତିଘରେ ଶାସ୍ତ୍ରପାଠ - ପ୍ରତିଘରେ ଜଗନ୍ନାଥ, ଏହି ଲକ୍ଷ୍ୟରେ ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ମହାରାଜ ସମଗ୍ର ଓଡ଼ିଶାରେ ଏକ ଜ୍ଞାନଦୀପ-ପ୍ରଜ୍ୱଳନ-ଯାତ୍ରା ନୀଳଗିରି ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରୁ ଶୁଭାରମ୍ଭ କରିଛନ୍ତି। ଗତ ମଙ୍ଗଳବାର ୨ତାରିଖ ସନ୍ଧ୍ୟା ୬.୩୦ଘଟିକା ସମୟରେ ମହାରାଜଙ୍କ ଦ୍ୱାରା କିଛି ଘରୁ ଭିକ୍ଷାଲବ୍ଧ ଅର୍ଥରେ ପ୍ରଥମେ ଜ୍ଞାନଦୀପ ପ୍ରଜ୍ୱଳନ କରାଯାଇଥିଲା।ତା ପରେ ଜ୍ଞାନଦୀପ ଜାଳିବାର ଉଦ୍ଦେଶ୍ୟ ସମ୍ବନ୍ଧରେ ସ୍ୱାମୀଜୀ ଉପସ୍ଥିତ ଜନଗଣଙ୍କୁ ନିଜ ପ୍ରବଚନ ସତ୍ରରେ ସମ୍ବୋଧିତ କରିଥିଲେ। ଗୀତା, ଭାଗବତର ସାରକଥାକୁ ମାନବଜୀବନରେ ବ୍ୟବହାରିକ କ୍ଷେତ୍ରରେ ପ୍ରୟୋଗକରିବାର ସରଳ ବ୍ୟାଖ୍ୟାନ କରିଥିଲେ। ଏଥିସହ ଉପସ୍ଥିତ ସମସ୍ତ ଶ୍ରୋତାମଣ୍ଡଳୀ ପ୍ରଜ୍ୱଳିତ ଜ୍ଞାନଦୀପକୁ ସାକ୍ଷୀରଖି ନିୟମିତ ଘରେ ଶାସ୍ତ୍ରପାଠର ସଂକଳ୍ପ ନେଇଥିଲେ । ଆଗାମୀ ଦିନରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଏବଂ ପ୍ରମୁଖ ସ୍ଥାନମାନଙ୍କରେ ସ୍ୱାମୀଜୀଙ୍କ ଦ୍ୱାରା ଭିକ୍ଷାଲବ୍ଧ ଅର୍ଥରେ ଦୀପ ପ୍ରଜ୍ୱଳନ କରାଯାଇ ଲୋକଙ୍କୁ ଶାସ୍ତ୍ରପାଠ ସହିତ ନାମସଂକୀର୍ତ୍ତନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସ୍ୱାମୀଜୀ ସୂଚନା ଦେଇଥିଲେ। ପରେ ସାମୁହିକ ସଂକୀର୍ତନ ସହଯୋଗେ ସଭା ସାଙ୍ଗ ହୋଇଥିଲା ବେଳେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବ୍ରହ୍ମାନନ୍ଦ ଦାସ, ଶରତ ଚନ୍ଦ୍ର ମହାପାତ୍ର, ଉତ୍ତମ କୁମାର ବିଶ୍ୱାଳ, ଜୟନ୍ତୀ ଦେବୀ ଓ ଅନ୍ୟବହୁ ଶାସ୍ତ୍ରପ୍ରେମୀ ସହଯୋଗ କରିଥିଲେ।



## ମହାତ୍ମାଗାନ୍ଧୀଙ୍କ ପ୍ରତି ଅରୁଚିକର ମନ୍ତବ୍ୟକୁ ନେଇ ନୀଳଗିରିରେ ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ



ନୀଳଗିରି , ୦୪/୧୨ (ନି.ପ୍ର): ଆଜି ପବିତ୍ର ବିଧାନସଭା ଗୃହରେ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ପ୍ରତି ନୀଳଗିରି ବିଧାୟକ ଦେଇଥିବା ଅଶାଳୀନ ଓ ଅରୁଚିକର ମନ୍ତବ୍ୟକୁ ନେଇ ନୀଳଗିରି ବିଜେଡ଼ି ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଇଛି। ମହାତ୍ମାଗାନ୍ଧୀଙ୍କ ପାଇଁ ଦେଶବିଭାଜନ ହୋଇଥିବା କହିବା ଭଳି ବକ୍ତବ୍ୟକୁ ନେଇ ସମଗ୍ରରାଜ୍ୟରେ ବିରୋଧାଭାସ ଦେଖାଦେଇଥିବା ବେଳେ କଂଗ୍ରେସ ସମେତ ବିଜେଡ଼ି ବିଧାୟକ ଏଭଳି ମନ୍ତବ୍ୟକୁ ସମାଲୋଚନା କରିବା ସହିତ ବିଧାନସଭା ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ମୌନ ପ୍ରତିବାଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସନ୍ଧ୍ୟା ୮ଘଟିକା ସମୟରେ ନୀଳଗିରି କଚେରୀଛକ ନିକଟରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏହି କୁଶପୁତ୍ତଳିକା ଦାହ କରାଯାଇଥିବା ବେଳେ ବିଜେଡ଼ି ଯୁବନେତା ଉଦୟଜ୍ୟୋତି ମହାନ୍ତି, ରାଜୀବ ଦାସବାବୁ ଅଚ୍ୟୁତ ପ୍ରଧାନ, ଜଗବନ୍ଧୁ ମୁନି, ନଟୁ ସରକାର, ପ୍ରଫୁଲ୍ଲ ପରିଡା, ସୁନୀଲ ପ୍ରଧାନ ରଶ୍ମିରଞ୍ଜନ ରାଉତ, ରବୀନ୍ଦ୍ର ପାତ୍ର, ରାମକୃଷ୍ଣ ମହାପାତ୍ର ପ୍ରମୁଖ ବହୁ ବିଜେଡ଼ି କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତୀବ୍ରନିନ୍ଦା କରିବା ସହିତ ତୁରନ୍ତ ଦେଶବାସୀଙ୍କ ପାଖରେ କ୍ଷମାମାଗନ୍ତୁ ବୋଲି ଦାବୀ କରିଛନ୍ତି।

## ଏଣିକି କିଣା ବିକା ହୋଇପାରିବ ପୁରୁଣା ଆପାର୍ଟମେଂଟ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଏଣିକି କିଣା ବିକା ହୋଇପାରିବ ପୁରୁଣା ଆପାର୍ଟମେଂଟ। ୨୦୧୬ ପୂର୍ବରୁ ନିର୍ମାଣ ହୋଇଥିବା ଆପାର୍ଟମେଂଟ ଗୁଡିକ କିଣା ବିକା ହୋଇପାରିବ ବୋଲି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ରେରା ଆଇନରେ ସଂଶୋଧନ କରି ରାଜ୍ୟ ସରକାର ନୂଆ ବିଜ୍ଞପ୍ତି ପ୍ରକାଶ କରିଚନ୍ତି। ଦୀର୍ଘ ସମୟର ତର୍ଜମା ପରେ ନିୟମକୁ ସରଳୀକରଣ କରାଯାଇଛି। ପୂର୍ବ ସରକାରରେ ଆପାର୍ଟମେଂଟ କିଣା ବିକା ନିଷ୍ପତି ଅତ୍ୟତ ଦୁର୍ଭାଗ୍ୟଜନକ ଥିଲା। ନୂଆ ନିୟମ ଅନୁସାରେ ଲୋକେ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

## ରାସଗୋବିନ୍ଦପୁର ବିମାନବନ୍ଦର ଜମି ଅଧିଗ୍ରହଣ ସମ୍ପର୍କିତ ବୈଠକ



ବାରିପଦା, ୦୪/୧୨ (ନି.ପ୍ର): ଐତିହାସିକ ରାସଗୋବିନ୍ଦପୁର ବିମାନବନ୍ଦର ପ୍ରକଳ୍ପକୁ ଅବିଳମ୍ୱେ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏଯାବତ୍ ଏନେଇ ଥିବା ଜମିଜମା ହସ୍ତାନ୍ତର ମାମଲାକୁ ଅନୁଧ୍ୟାନ ପାଇଁ ବେସାମରିକ ବିମାନ ଚଳାଚଳ ଉପଦେଷ୍ଟା ସୁରେଶ ଚନ୍ଦ୍ର ହୋତା, ଜମି ଅଧିଗ୍ରହଣ ଅଧିକାରୀ ଉମାକାନ୍ତ ବାରିକକୁ ନେଇ ଗଠିତ ବିଶେଷଜ୍ଞ କମିଟି ଆଜି ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଜିଲ୍ଲା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଉକ୍ତ ପ୍ରକଳ୍ପ ପାଇଁ ବର୍ତ୍ତମାନ ସୁଦ୍ଧା ୧୬୦ ଏକର ପ୍ରତିରକ୍ଷା ବିଭାଗର ଜମି ହସ୍ତାନ୍ତର ହୋଇଛି । ଏଥିରୁ ୪୭ ଏକର ଜମି ଡିପିଆର୍ ରେ ସ୍ଥାନିତ ହେବା ସହ ମାଷ୍ଟର ପ୍ଲାନରେ ଅନ୍ତର୍ଭୁକ୍ତ ହୋଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମଲ୍ଲିକ ପ୍ରକାଶ କରିଥିଲେ । ସେହିପରି ପ୍ରକଳ୍ପ ପାଇଁ ସମୁଦାୟ ୪୪୩ ଏକର ଜମି ଆବଶ୍ୟକତା ପୂରଣ କରିବାକୁ ଡିସେମ୍ବର ଶେଷ ସୁଦ୍ଧା ଗ୍ରାମସଭା ସମ୍ପୂର୍ଣ୍ଣ କରି ଏକ ବର୍ଷ ମଧ୍ୟରେ ସମସ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ କରାଯିବା ନେଇ ସ୍ଥିରୀକୃତ ହୋଇଛି ବୋଲି ଉପ ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା ପ୍ରକାଶ କରିଛନ୍ତି । ଆଜିର ଏହି ଆଲୋଚନା ସମୟରେ ଭୂର୍ଜନ ଅଧିକାରୀ ଶିବାରାମ ମୁଣ୍ଡା, ଅଧିକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ରୋହନ ରାୟ, ଆରଟିଓ ପ୍ରଶାନ୍ତ କୁମାର ପରିଡ଼ା, ଡେପୁଟି କଲେକ୍ଟର (ରାଜସ୍ୱ) ଶ୍ରଦ୍ଧା ସୁମନ, ମୋରଡ଼ା ଏବଂ ରାସଗୋବିନ୍ଦପୁର ତହସିଲଦାର, ଡି ଆଇ ପି ଆର ଓ,ମୟୂରଭଞ୍ଜ,ଏସ ଡି ଆଇ ପି ଆର ଓ, ବାରିପଦାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ବିଭାଗୀୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

## ବିଶିଷ୍ଟ ଶିକ୍ଷାବିତ୍ ସମାଜସେବିକା ଇଜାତୁନ୍ ନିସାଙ୍କ ପରଲୋକ



ଭଦ୍ରକ, ୦୪/୧୨ (ନି.ପ୍ର): ଭଦ୍ରକର ବିଶିଷ୍ଟ ଶିକ୍ଷାବିତ୍, ସମାଜସେବିକା ତଥା ଭଦ୍ରକର ସୁନାମଧନ୍ୟ ଡ଼ାକ୍ତର ସ୍ୱର୍ଗତ ମିର୍ଜାଙ୍କ ଧର୍ମପତ୍ନୀ ଇଜାତୁନ୍ ନିସାଙ୍କ ତାଙ୍କ ପୁରୁଣାବଜାରସ୍ଥିତ ବାସଭବନ ୭୫ବର୍ଷ ବୟସରେ ପରଲୋକ ଘଟିଛି । ତାଙ୍କ ଦେହାନ୍ତରେ ଭଦ୍ରକରେ ଶୋକର ଛାୟା ଖେଳିଯାଇଛି । ଯେତେବେଳେ ନାରୀଶିକ୍ଷାର ପ୍ରସାର ପ୍ରଚାର ଘଟିନଥିଲା ୧୯୬୦ ମସିହାରେ ସ୍ୱର୍ଗତ ଇଜାତୁନ୍ ନିସା କଟକର ଶୈଳବାଳା ମହିଳା ମହାବିଦ୍ୟାଳୟ, ରେଭେନ୍ସା ମହାବିଦ୍ୟାଳୟ ଓ ରାଧାନାଥ ତାଲିମ କେନ୍ଦ୍ରରୁ ଉଚ୍ଚ ଶିକ୍ଷା ଗ୍ରହଣ କଲାପରେ ସେ କଟକର ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ ଯୋଗଦାନ କରିଥିଲେ । ପରେ ଭଦ୍ରକ ପୌରପାଳିକସ୍ଥିତ ହାଜି ମେହମୁଦ ବାଳିକା ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରି ନିଷ୍ଠାପର ଭାବରେ ନିଜର କର୍ତ୍ତବ୍ୟ ପରିଚଳନା କରିଥିଲେ । ସେ ବିଶେଷତଃ ସଂଖ୍ୟାଲଘୁ ସଂପ୍ରଦାୟର ବାଳିକାମାନଙ୍କୁ ଉଚ୍ଚ ଶିକ୍ଷାଗ୍ରହଣ କରିବାପାଇଁ ବିଭିନ୍ନ ପ୍ରକାର ଉଦ୍ୟମ କରିବା ସହିତ ବାଳିକାମାନଙ୍କୁ ଅଗ୍ରଣୀ ମୁହାଁ କରିପାରିଥିଲେ । ତତ୍ ସହିତ ସେ ଭଦ୍ରକ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଥିଲେ । ତାଙ୍କର ମୃତ୍ୟୁ ଖବର ମିଳିବା ପରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲ, ଭଦ୍ରକର ପୌରପାଳିକା ଚେୟାରମ୍ୟାନ୍ ଗୁଲମକ୍କି ହବିବି, ଯୁବନେତା ଜାହିଦ୍ ହବିବ୍, ସମାଜସେବୀ ହାଜି ଏସ୍.ଏମ୍.ଫାରୁକ, ହରିପ୍ରସାଦ ନନ୍ଦୀ, ସୁଧାକର ରାଉତ ଏବଂ ବିଭିନ୍ନ ଆଡୁ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନିଜଣ ସନ୍ତାନ ଉପସ୍ଥିତ ଥିଲେ । ବରପଦା ଇଂଜିନିୟରିଂ କଲେଜର ପ୍ରଫେସର ସାଜିଦ୍ ମିର୍ଜାଙ୍କ ମାତୃଦେବୀ ଥିଲେ ।

## ଧୁମୁସା-୨୦୨୫ ପାଇଁ ସ୍ମରଣିକା କମିଟିର ପ୍ରସ୍ତୁତି ବୈଠକ

ଉଦଳା, ୦୪/୧୨ (ନି.ପ୍ର): ଚଳିତ ଡିସେମ୍ବର ୧୪ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଦିର୍ଘ ୮ ଦିନ ଧରି ହେବାକୁ ଥିବା ଉଦଳା ମେହାତ୍ସବ ଧୁମୁସା-୨୦୨୫ ପାଇଁ ଜୋରଦାର ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି । ଏଥିପାଇଁ ବାରମ୍ବାର ବିଭିନ୍ନ କମିଟି ତରଫରୁ ବୈଠକ ବସୁଛି । ସେହିପରି ଆଜି ଡ଼ିସେମ୍ବର ୪ ତାରିଖ ଗୁରୁବାର ଦିନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଙ୍କ କାର୍ଯ୍ୟାଳୟ ପରିସରେର ପ୍ରକାଶ ପାଇବାକୁ ଥିବା ସ୍ମରଣିକା କମିଟିର ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସ୍ମରଣିକା କମିଟିର ସଦସ୍ୟ ଡ଼. ଦିଲିପ କୁମାର ଦିକ୍ଷିତ, ବସନ୍ତ କୁମାର ପରିଡ଼ା, ରବିକାନ୍ତ ମହାପାତ୍ର, କେଶାରଚନ୍ଦ୍ର ଦାସବାବୁ, ଦିଲିପ ପ୍ରମାଣିକ, ପୂର୍ଣ୍ଣଚନ୍ଦ୍ର ସାହୁ, ଭୋଳାନାଥ ସାହୁ, ଇଂ. ନାରାୟଣ ପୃଷ୍ଟି, ରେମଶ ପୃଷ୍ଟି, ମେନାରଂଜନ ମଲ୍ଲିକ, ଶଶିକାନ୍ତ ମିଶ୍ର, ସୁବ୍ରତ କୁମାର ମହାନ୍ତି, ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥେିଲ । ସ୍ମରଣିକା ପାଇଁ ଯେଉଁମାନେ ବିଜ୍ଞାପନ ଦେବାକୁ ଚାହୁଁଛନ୍ତି ସେମାନେ ମୋବାଇଲ ନଂ- ୯୪୩୮୪୫୫୬୬୦ ସହିତ ଯୋଗାଯୋଗ କରିବାକୁ ସ୍ମରଣିକା କମିଟି ତରଫରୁ କୁହାଯାଇଛି । ସୂଚନା ଓ ଲୋକ ସମ୍ପର୍କ ଅଧିକାରି ସେରାଜ ପ୍ରଧାନ ଆଜିର ବୈଠକେର ଅଧକ୍ଷତା କରିଥିବା ବେଳ ସେନ୍ତାଷ ବାଛିନି ଧନ୍ୟବାଦ ଅପର୍ଣ କରିଥେଲ ।




## ଭିନ୍ନକ୍ଷମ ଦିବସରେ ଭିନ୍ନ ପ୍ରୟାସ: ବାଲିଆପାଳ ପ୍ରଶାସନ ଦେଖାଇଲା ମହାନତା



ବାଲିଆପାଳ , ୦୪/୧୨ (ନି.ପ୍ର): ସମାଜରେ ଆଜିବି ବହୁ ଭିନ୍ନକ୍ଷମ ଅବହେଳିତ । ସରକାର ଏହି ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରିଥିଲେ ବି ପ୍ରଶାସନ ନିକଟରେ ଏମାନଙ୍କର ସୂଚନା ଆଜିବି ଅପହଞ୍ଚ । ବାଲିକୁଟି ଏବଂ ବଣିଆଡିହା ପଞ୍ଚାୟତର କିଛି ଭିନ୍ନକ୍ଷମ ପରିବାର ସରକାରଙ୍କ ରାସନ ସୁବିଧାରୁ ବଞ୍ଚିତ ଥିଲେ । ଠିକ ସେହିପରି କୁଣ୍ଡୁଳି ପଞ୍ଚାୟତର ଭିନ୍ନକ୍ଷମ ଦମ୍ପତି ବୁଦ୍ଧିଆ ମାଝୀ ଏବଂ ତାର ସ୍ତ୍ରୀ ଫୁଲ ମାଝୀ ଦଶ ମାସ ଧରି ଦସ୍ତାବିଜ ସମସ୍ୟା ଥିବା ହେତୁ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ଥିଲେ । ତେବେ ରାସନ କାର୍ଡ ଏବଂ ଭିନ୍ନକ୍ଷମ ଭତ୍ତା ଯୋଜନାରୁ ବଞ୍ଚିତ ଥିବା ଭିନ୍ନକ୍ଷମଙ୍କ ଖବର ସାମାଜିକ କର୍ମୀ ରାଜକିଶୋର ପାତ୍ର ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାସ ଙ୍କୁ ଜଣାଇଥିଲେ । ସୂଚନା ପରେ ବିଡ଼ିଓ ଶ୍ରୀ ଦାସ ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ପାର୍ଥ ସାରଥୀ ସାହୁଙ୍କୁ ଯୋଜନାରୁ ବଞ୍ଚିତ ଥିବା ଭିନ୍ନକ୍ଷମଙ୍କ ବିଷୟରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରେ ଏହି ଅଧିକାରୀ ମାନେ ତୃଣମୂଳ ସ୍ତରକୁ ଯାଇ ତଦନ୍ତ କରିଥିଲେ । କଣ୍ଟ୍ରୋଲ ଦୁକାନକୁ ଏହି ଭିନ୍ନକ୍ଷମ ମାନେ କେୱାଇସି ପାଇଁ ଆସିବାରେ ଅସମର୍ଥ ଥିବାରୁ ରଥ ବାବୁ ଙ୍କ ନିର୍ଦ୍ଦେଶରେ କଣ୍ଟ୍ରୋଲ ଦୋକାନର କର୍ମଚାରୀ ସୁବାଷ ଦାସ ସେମାନଙ୍କ ଘରେ ଯାଇ କେୱାଇସି କରିଥିଲେ । ତେବେ ଗତ କାଲି ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ହୋଇଥିବାରୁ ବିଡ଼ିଓ ଶ୍ରୀ ଦାସ ଯୋଜନାରୁ ବଞ୍ଚିତ ଥିବା ଭିନ୍ନକ୍ଷମ ମୁହଁରେ ହସ ଫୁଟାଇବା ପାଇଁ ନିଆରା ନିଷ୍ପତି ନେଇଥିଲେ । ଗତକାଲି ସେ ନିଜେ ଯୋଗାଣ ଅଧିକାରୀ ଶ୍ରୀ ରଥଙ୍କୁ ସାଙ୍ଗରେ ନେଇ ବାଲିକୁଟି ପଞ୍ଚାୟତର ଭିନ୍ନକ୍ଷମ ମହିଳା ସୁକାନ୍ତି ଦଳାଇ, ବଣିଆଡିହା ପଞ୍ଚାୟତର ଭିନ୍ନକ୍ଷମ ମଣ୍ଟୁ କୁମାର ଦାସ, ଭିନ୍ନକ୍ଷମ କବିତା ମାଝୀଙ୍କ ଘରକୁ ଯାଇ ନିଜେ ରାସନ କାର୍ଡ ପ୍ରଦାନ କରିଥିଲେ । ଠିକ ସେହିପରି କୁଣ୍ଡୁଳି ପଞ୍ଚାୟତର ଭିନ୍ନକ୍ଷମ ଦମ୍ପତିଙ୍କୁ ୧୦ ମାସର ଭତ୍ତା ୧୨୦୦୦ ଲେଖାଏଁ ଉଭୟଙ୍କୁ ସମୁଦାୟ ୨୪୦୦୦ ଟଙ୍କା ପ୍ରଦାନ ପାଇଁ ଭତ୍ତା ଦାୟିତ୍ୱରେ ଥିବା ଶ୍ରୀ ସାହୁ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭତ୍ତା ପ୍ରଦାନ ସମୟରେ ଜିପିଡିଓ ପ୍ରିୟବ୍ରତ ଗିରି ଏବଂ ଶ୍ରୀ ସାହୁ ଭିନ୍ନକ୍ଷମ ଦମ୍ପତି ଙ୍କ ଘରେ ଉପସ୍ଥିତ ଥିଲେ । ବାଲିଆପାଳ ବ୍ଲକ ପ୍ରଶାସନ ଏହି ମାନବିକ ପଦକ୍ଷେପ ପାଇଁ ପୁଣି ଅଞ୍ଚଳବାସୀଙ୍କ ମନରେ ପ୍ରଶଂସା ସାଉଁଟିଛି ।

## ଇଣ୍ଡିଆନ୍ ଅଏଲ୍ ପାରଦୀପ ରିଫାଇନରୀରେ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍



ପାରାଦୀପ, ୦୪/୧୨ (ନି.ପ୍ର): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ପକ୍ଷରୁ ଗତକାଲି ଏକ ଅନ୍ ସାଇଟ୍ ଡିଜାଷ୍ଟର୍ ଡ୍ରିଲ୍ ଆୟୋଜନ କରାଯାଇଥିଲା। ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ପ୍ରତିପାଦନ କରିଥିଲା। ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ ଡିଜାଷ୍ଟର୍ ମ୍ୟାନେଜରମେଣ୍ଟ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନରୀର ଏଫସିସି-ଏଲପିଜି ଟ୍ରେଟିଂ ୟୁନିଟରେ ଯଦି ଏଲପିଜି ଲିକ୍ ହୁଏ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍ ଟି ଆଧାରିତ ଥିଲା । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida